


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୨ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 September 2024

Vol.No. 35 ■ No.235 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କୋର୍ଟରେ ପଡ଼ି ରହିଥିବା ଦୁଷ୍କର୍ମ ମାମଲାକୁ ନେଇ ବଡ଼ କଥା କହିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧/୯ : ବିଚାର ପାଇଁ ପଡ଼ି ରହିଥିବା ମାମଲା ଓ ଶୁଣାଣିରେ ବିଳମ୍ବ ହେବା ନ୍ୟାୟପାଳିକା ପାଇଁ ଗୋଟିଏ ବଡ଼ ଚ୍ୟାଲେଞ୍ଜ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏଥିସହ ସେ ଉଚିତ ନ୍ୟାୟ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ସେ ଦୁଷ୍କର୍ମ ମାମଲା ଗୁଡ଼ିକ ଉପରେ ଫୋକସ କରିଛନ୍ତି। ଏଥିସହ କୋର୍ଟରେ ପଡ଼ି ରହିଥିବା ଦୁଷ୍କର୍ମ ମାମଲାକୁ ନେଇ ମଧ୍ୟ ସେ ଚିନ୍ତା ପ୍ରକଟ କରିଛି। ଦୁଇ ଦିନିଆ ଜିଲ୍ଲାସ୍ତରୀୟ ନ୍ୟାୟପାଳିକାର ଜାତୀୟ ସମ୍ମିଳନୀରେ ସମ୍ବୋଧନ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, "ଦୁଷ୍କର୍ମ ଭଳି ମାମଲାରେ ଯେତେବେଳେ କୋର୍ଟଙ୍କ ରାୟ ଗୋଟିଏ ପଡ଼ି ପରେ ପାରିତ ହେଉଛି ସେତେବେଳେ ସାଧାରଣ ଲୋକ ଭାବୁଛନ୍ତି ଯେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଅତ୍ୟନ୍ତ ଅସମ୍ବେଦନଶୀଳ।" ରାଷ୍ଟ୍ରପତି ମୁର୍ମୁଙ୍କ କହିବା କଥା ଗାଁରେ ଲୋକମାନେ ନ୍ୟାୟପାଳିକାକୁ ଭଗବାନ ବୋଲି ବିବେଚନା କରନ୍ତି।



କାରଣ ସେମାନେ ନ୍ୟାୟପାଳିକାରୁ ନ୍ୟାୟ ପାଆନ୍ତି। କଥାରେ ଅଛି ଭଗବାନଙ୍କ ଘର ବିଳମ୍ବ ହୋଇପାରେ, କିନ୍ତୁ ଅନ୍ଧକାର ନୁହେଁ। କିନ୍ତୁ ବିଳମ୍ବ କେତେ ହୋଇପାରେ ? ଏହା କେତେ ଲମ୍ବା ? ଏହା ଉପରେ ଆମକୁ ଚିନ୍ତା କରିବାକୁ ପଡ଼ିଛି। ଜଣେ ନ୍ୟାୟ ପାଇବା ବେଳକୁ ତାଙ୍କର ହସ ସମ୍ଭବତଃ ଲିଭି ଯାଇଥିବ। ତାଙ୍କ ଜୀବନ ସରି ଯାଇଥିବ। ଆମକୁ ଅତ୍ୟନ୍ତ ବ୍ୟାପକ ଓ ଗଭୀର ଭାବେ ଏହାକୁ ଦେଖିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମାମଲାର ଶୁଣାଣି ବେଳେ ହେଉଥିବା ସ୍ଥଗିତ ପରାମ୍ପରାକୁ ବଦଳାଇବା ପାଇଁ ସବୁ ପ୍ରକାରର ପଦକ୍ଷେପ ନେଇ ତ୍ୱରିତ ନ୍ୟାୟ ଉପରେ ଫୋକସ କରାଯିବା ଦରକାର। ଦୁଃଖର କଥା ହେଉଛି ଯେ କିଛି ମାମଲାରେ ଅପରାଧ ଘଟାଇବା ପରେ ଲୋକମାନେ ବେଧଡ଼କ ବାହାରେ ବୁଲୁଛନ୍ତି। ହେଲେ ପୀଡ଼ିତା ଭୟରେ ରହୁଛନ୍ତି। ଏ କ୍ଷେତ୍ରରେ ମହିଳାମାନଙ୍କ ସ୍ଥିତି ଆହୁରି ଖରାପ। ଗୋଟିଏ ସଭ୍ୟ ସମାଜ କେବେ ହେଲେ ଏହାକୁ ସମର୍ଥନ କରେନାହିଁ ବୋଲି ସେ କହିଛନ୍ତି। ଭାରତ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଓ କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଅର୍ଜୁନ ରାମ ମେଘୱାଲ ମଧ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ସୁପ୍ରିମକୋର୍ଟର ଗୋଟିଏ ପତାକା ରିଲିଜ କରିଛନ୍ତି।

## ଆରମ୍ଭ ହେଲା 'ସୁଭଦ୍ରା' ଆବେଦନ: ପ୍ରଥମ ଦିନରେ ଅସମ୍ଭାଳ ଭିଡ଼



ଭୁବନେଶ୍ୱର, ୧/୯ (ନି.ପ୍ର): ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନା ପାଇଁ ଆଜିଠାରୁ ଆରମ୍ଭ ହେଲା ଆବେଦନ। ସେଥିପାଇଁ ଅଙ୍ଗନବାଡି କେନ୍ଦ୍ରରେ ଲାଗିଛି ଲମ୍ବା ଲାଇନ। ଅଙ୍ଗନବାଡି କେନ୍ଦ୍ର ବ୍ୟତୀତ ବ୍ଲକ୍ ଅଫିସ୍, ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ଦେଖିବାକୁ ମିଳୁଛି ଅସମ୍ଭାଳ ଭିଡ଼। ଏମିତି କି ଗାଁରେ ଘର ଘର ବୁଲି ଫର୍ମ ବାଣ୍ଟୁଛନ୍ତି ଅଙ୍ଗନବାଡି ଦିଦି। ତା'ସହିତ ଫର୍ମ କେମିତି ପୂରଣ କରିବେ, ଆଉ କେଉଁ କେଉଁ ପ୍ରମାଣପତ୍ର ଦେଇ ଆବେଦନ କରିବେ ସେ ନେଇ ମଧ୍ୟ ସଚେତନ କରୁଛନ୍ତି। ଆରମ୍ଭ ହେଲା ସୁଭଦ୍ରା ଯୋଜନା। ତାହା ହେଲେ କେମିତି ପୂରଣ କରିବେ 'ସୁଭଦ୍ରା' ଫର୍ମ ଆଉ କ'ଣ କ'ଣ ପ୍ରମାଣପତ୍ର ଦେବେ ? ପ୍ରଥମେ ଆଧାର କାର୍ଡରେ ଥିବା ନାମ ଲେଖି, ଆଧାର ନମ୍ବର ଲେଖିବାକୁ ପଡ଼ିବ। ପରେ ସ୍ୱାମୀ କିମ୍ବା ବାପାଙ୍କ ନାମ ଲେଖିପାରିବେ। ଜନ୍ମ ତାରିଖ ସ୍ଥାନରେ ଆଧାର କାର୍ଡରେ ଥିବା ତାରିଖ ଦେବାକୁ ହେବ। ଜୁଲାଇ ୧ ସୁଦ୍ଧା ଆବେଦନକାରୀଙ୍କୁ

▶▶ପୃଷ୍ଠା ୭

## ଦୁଷ୍କର୍ମ ପରେ ଯୁବତୀଙ୍କୁ ମାରି ଜଙ୍ଗଲରେ ଫିଙ୍ଗିଦେଲେ

ସମ୍ବଲପୁର, ୧/୯ (ନି.ପ୍ର): ଦୁଷ୍କର୍ମ ପରେ ଯୁବତୀଙ୍କୁ ମାରି ଜଙ୍ଗଲରେ ଫିଙ୍ଗିଦେଲେ! ଏପରି ଅଭିଯୋଗ ଆସିଛି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅଞ୍ଚଳରୁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକ ହୋଇଛି। ଗତ ଶୁକ୍ରବାର ସକାଳେ ନାକଟିଦେଉଳ ଥାନା ଅଞ୍ଚଳର ୨୦ ବର୍ଷୀୟା ଯୁବତୀ ରୀମା(ଛଦ୍ମନାମ) ଗାଧୋଇବା ପାଇଁ ନାଳକୁ



ଯାଇଥିଲେ। ହେଲେ ଘରକୁ ଫେରିନଥିଲେ। ଝିଅ ଘରକୁ ନଫେରିବାରୁ ପରିବାର ଲୋକେ ଚାରିଆଡେ ଖୋଜିଥିଲେ। ହେଲେ ତାଙ୍କ ପତ୍ତା ପାଇନଥିଲେ। ନିଜର ବଢ଼ିଲା ଝିଅକୁ ନପାଇ ପରିବାର ▶▶ପୃଷ୍ଠା ୭

## ଗାଁକୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ: ଚାଲିଗଲା କଅଁଳ ଶିଶୁର ଜୀବନ

ସମ୍ବଲପୁର, ୧/୯ (ନି.ପ୍ର): ଖରାପ ରାସ୍ତା ଯୋଗୁ ଆସିପାରିଲାନି ଆମ୍ବୁଲାନ୍ସ। ଠିକ୍ ସମୟରେ ମେଡିକାଲ ନ ଯାଇପାରିବାରୁ ଚାଲିଗଲା କଅଁଳ ଶିଶୁର ଜୀବନ। ଏପରି ଦୁଃଖଦ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରେ। ଖରଶାଳି ଗାଁର ରଥି କିସାନଙ୍କ ପତ୍ନୀ ପ୍ରମିଳା ୭ମାସର ଗର୍ଭବତୀ ଥିଲେ। ହଠାତ୍ ତାଙ୍କର ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ।




ହେଲେ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରିଲାନି। ଗାଁଠୁ କିଛି ଦୂରରେ ଆମ୍ବୁଲାନ୍ସ ଅଟକି ରହିଥିଲା। ସେହି ସମୟ ଭିତରେ ପିଲାଟି ଜନ୍ମ ହୋଇଯାଇଥିଲା। ପରିବାର ଲୋକେ ମା' ଓ ଛୁଆକୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ପରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ହେଲେ ମା' ସୁସ୍ଥ ଥିବା ଜଣାଯାଇଛି। ଏହି ଘଟଣାକୁ ଗୁରୁତର ସହ ନେଇଛି ଜିଲ୍ଲା ପ୍ରଶାସନ। ପୀଡିତାଙ୍କୁ ସହାୟତା ପ୍ରଦାନ ସହ ଗ୍ରାମ ଉନ୍ନୟନ ବିଭାଗକୁ କହି ଗାଁକୁ ରାସ୍ତା ନିର୍ମାଣ କରାଯିବ ବୋଲି ବିଡିଓ କହିଛନ୍ତି।

## ବିଇଓଙ୍କୁ ବାନ୍ଧିଲା ଭିଜିଲାନ୍ସ

ଛତ୍ରପୁର, ୧/୯ (ନି.ପ୍ର): ବିଇଓଙ୍କୁ ବାନ୍ଧିଲା ଭିଜିଲାନ୍ସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଛତ୍ରପୁର ବିଇଓ ସୀତାରାମ ପାତ୍ରଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ବିଇଓ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଗତକାଲି ବିଇଓଙ୍କର ଗଞ୍ଜାମ ଜିଲ୍ଲାର ଛତ୍ରପୁର ସରକାରୀ କାର୍ଯ୍ୟାଳୟ, ବ୍ରହ୍ମପୁର ସହରର ରାମ କୃଷ୍ଣନଗରରେ ଥିବା ଘର ସମେତ ୩ଟି ସ୍ଥାନ ଓ ପୋଲସରାର ୨ଟି ସ୍ଥାନରେ ଏକାକାଳୀନ ଚଢାଉ କରାଯାଇଥିଲା। ଚଢ଼ାଉ ବେଳେ ବିଇଓଙ୍କର ୩ଟି ବହୁତଳ କୋଠା ଠାବ କରିଥିଲେ ଭିଜିଲାନ୍ସ ଅଧିକାରୀ। ଏଥିସହ ବିଇଓଙ୍କ ଘରୁ ନଗଦ ୬.୫ ଲକ୍ଷ ଟଙ୍କା ସହ ବ୍ୟାଙ୍କ ଜମା ୩୫.୬୧ ଲକ୍ଷ ଟଙ୍କା ଓ ଗୋଟିଏ କାର୍ ଠାବ କରାଯାଇଥିଲା। ସେହିପରି ଚଢ଼ାଉ ବେଳେ ସୁନା, ରୁପା ଗିନା,ଚାମଚ, ଦାମୀ ଘଣ୍ଟା ଜବତ କରାଯାଇଥିବା ସୂଚନା ରହିଛି। ବିଇଓ ଠୁଳ କରିଥିବା ସମ୍ପତ୍ତି ବାବଦରେ ପଚାରିଥିଲେ ଭିଜିଲାନ୍ସ ଅଧିକାରୀ। ହେଲେ ବିଇଓ ଠୁଳ କରିଥିବା ସମ୍ପତ୍ତି ବାବଦରେ ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ପରେ ଭିଜିଲାନ୍ସ ଆଜି ତାଙ୍କୁ ଗିରଫ କରିଛି। ବିଇଓଙ୍କ ନାଁରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯିବ।

## ଭିଜିଲାନ୍ସ ଟିମ୍‌କୁ ଦେଖି ଚେତା ହରାଇଥିବା କନିଷ୍ଠ ଯନ୍ତ୍ରୀଙ୍କ ଘରୁ ବାହାରିଲା ବିଡ଼ା ବିଡ଼ା ନୋଟ୍

ରାୟଗଡ଼ା, ୧/୯ (ନି.ପ୍ର): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ବେହୋସ ହୋଇଯାଇଥିବା ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଘରୁ ଜବତ ହୋଇଛି ନଗଦ ୧୪ ଲକ୍ଷ ୮୧ ହଜାର ୩ ଶହ ଟଙ୍କା। କେବଳ ସେତିକି ନୁହେଁ, ▶▶ପୃଷ୍ଠା ୭



## ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା

ଭୁବନେଶ୍ୱର, ୧/୯ (ନି.ପ୍ର): ଗତକାଲିର ଅବପାତ ଆଜି ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ରହିଛି। ଗତ ୬ ଘଣ୍ଟା ହେବ ଘଣ୍ଟାପ୍ରତି ୨୦ କିଲୋମିଟର ବେଗରେ ଗତି କରୁଛି ଅବପାତ। ଏହା ବିଶାଖାପାଟଣା ଠାରୁ ୧୫୦ କିମି ଏବଂ ମାଲକାନଗିରି ଠାରୁ ୭୦ କିମି ଦୂରରେ ରହିଛି। ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତିକରି ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବ। ପରେ ଦୁର୍ବଳ ହୋଇ ୱେଲମାର୍କ ଲୋପ୍ରେସରରେ ପରିଣତ ହେବ। ପ୍ରଭାବରେ ଆଜି ଦକ୍ଷିଣ ଓଡିଶା



ଓ ଉତ୍ତର ଓଡ଼ିଶାର ପ୍ରବଳର ବର୍ଷାର ଆକଳନ କରିଛି ଆଂଚଳିକ ପାଣିପାଗ ବିଭାଗ। ବିଶେଷକରି କୋରାପୁଟ ଓ ମାଲକାନାଗିରିର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ସମ୍ଭାବନା ନେଇ ଜାରି ହୋଇଛି ୟେଲୋ ୱାର୍ଣ୍ଣି। ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବ। ପରେ ଦୁର୍ବଳ ହୋଇ ଲୋପ୍ରେସରରେ ପରିଣତ ହେବ। ପ୍ରଭାବରେ ଆଜି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାର ପ୍ରବଳର ବର୍ଷାର ଆକଳନ କରିଛି ଆଂଚଳିକ ପାଣିପାଗ ବିଭାଗ। ସେପଟେ ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ। ଆସନ୍ତା ୪ ତାରିଖରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଲଘୁଚାପ ସମ୍ଭାବନା ରହିଛି। ପରେ ଏହା ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଅବପାତଟି ଛତିଶଗଡ଼ ମୁହାଁ ହେବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର। ▶▶ପୃଷ୍ଠା ୭

## ଉପଦ୍ରବକାରୀଙ୍କୁ ବିଜେପି ଖୋଲା ହାତ ଦେଇଛି : ରାହୁଲ ଗାନ୍ଧିଙ୍କ ବୟାନ


ମୁମ୍ବାଇ , ୧/୯ (ନି.ପ୍ର): ମହାରାଷ୍ଟ୍ରର ଧୁଲେ ଏକ୍ସପ୍ରେସ୍ ଟ୍ରେନରେ ଘଟଣାରେ ଜଣେ ୭୨ ବର୍ଷୀୟ ବୃଦ୍ଧଙ୍କୁ ମାଡ଼ ମରାଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭିଡିଓରେ ଦେଖାଯାଉଥିବା ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଏବେ ଏହାକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଉକ୍ତ ବୃଦ୍ଧଙ୍କ ଫଟୋ ସେୟାର କରି ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବିଜେପି ଘୃଣା ଓ ଖୋଲା



ହିଂସା ପ୍ରସାର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କହିଛନ୍ତି, ଯେଉଁମାନେ ଘୃଣାକୁ ରାଜନୈତିକ ଅସ୍ତ୍ର ଭାବରେ ବ୍ୟବହାର କରି କ୍ଷମତାର ସିଡ଼ିବ ଚଢ଼ିଛନ୍ତି ସେମାନେ କ୍ରମାଗତ ଭାବରେ ସମଗ୍ର ଦେଶରେ ଭୟର ରାଜତ୍ୱ ପ୍ରତିଷ୍ଠା କରୁଛନ୍ତି। ଭିଡ଼ ଆକାରରେ ଲୁଚି ରହିଥିବା ଘୃଣା ସୃଷ୍ଟିକାରୀ ତତ୍ତ୍ୱମାନେ ଖୋଲାଖୋଲି ଭାବେ ଆଇନର ଶାସନକୁ ଚ୍ୟାଲେଞ୍ଜ କରି ହିଂସା ପ୍ରଚାର କରୁଛନ୍ତି। ସେହିପରି ନିକଟରେ ହରିୟାଣାରେ ଘଟଣାରେ କେତେକ ଲୋକ ଜଣେ ବ୍ୟକ୍ତି ପିଟି ପିଟି ମାରିଦେଇଥିଲେ । କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କହିଛନ୍ତି, ଯେଉଁମାନେ ଘୃଣାକୁ ରାଜନୈତିକ ଅସ୍ତ୍ର ଭାବରେ ବ୍ୟବହାର କରି କ୍ଷମତାର ସିଡ଼ିବ ଚଢ଼ିଛନ୍ତି ସେମାନେ କ୍ରମାଗତ ଭାବରେ ସମଗ୍ର ଦେଶରେ ▶▶ପୃଷ୍ଠା ୭

## ଜେଡିୟୁରେ ଫାଟ: ଇସ୍ତଫା ଦେଲେ ନୀତୀଶଙ୍କ ଘନିଷ୍ଠ ସହଯୋଗୀ

ନୂଆଦିଲ୍ଲୀ, ୧/୯ : ଜନତା ଦଳ ୟୁନାଇଟେଡ୍ ତଥା ଜେଡିୟୁ। ଦଳରେ କିଛି ଠିକ୍ ଚାଲିନଥିବା ଚର୍ଚ୍ଚା ହେଉଛି। ଇସ୍ତଫା ଦେଇଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଅତି ଘନିଷ୍ଠ କୁହାଯାଉଥିବା କେସି ତ୍ୟାଗୀ। ସେ ଦଳର ଦଳର ଜାତୀୟ ମୁଖପାତ୍ର ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିବା କୁହାଯାଇଛି। ତାଙ୍କ ସ୍ଥାନରେ ନୀତୀଶ କୁମାର ରାଜୀବ ରଞ୍ଜନଙ୍କୁ ଦଳର ନୂତନ ଜାତୀୟ ମୁଖପାତ୍ର ଭାବେ ନିଯୁକ୍ତ କରିଛନ୍ତି। ଏନେଇ ଦଳର ସାଧାରଣ ସମ୍ପାଦକ ଆଫାକ ଅହମ୍ମଦ ଖାନ ଏକ ଚିଠି ଜାରି



କରି ଏହି ସୂଚନା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ କେସି ତ୍ୟାଗୀ ଇସ୍ତଫା ଦେଇଥିବା କଥା କୁହାଯାଉଥିଲେ ମଧ୍ୟ ଏହା ପଛରେ ଅନେକ କାରଣ ଲୁଚି ରହିଛି। ତାଙ୍କର ଲଗାତର ବିବାଦୀୟ ବୟାନ ଯୋଗୁ ଦଳ ଭିତରେ ଓ ବାହାରେ ସୃଷ୍ଟି ହୋଇଥିବା ମତଭେଦ ସାମିଲ ଅଛି। ସୂଚନା ମୁତାବକ ଇସ୍ରାଏଲ-ପାଲେଷ୍ଟାଇନ ପ୍ରସଙ୍ଗରେ ତାଙ୍କ ବିବୃତ୍ତି ଯୋଗୁଁ କେସି ତ୍ୟାଗୀଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। କାରଣ ଦଳ ଏହି ତାଙ୍କର ଏହି ବିବୃତ୍ତିରେ ଖୁସି ନାହିଁ। ମିଳିଥିବା ସୂତ୍ରର ସୂଚନା ଅନୁସାରେ କେସି ତ୍ୟାଗୀ ଇସ୍ତଫା ଦେବା ପଛରେ ଅନେକ ପ୍ରସଙ୍ଗ ରହିଛି। ସେ ଅନେକ ପ୍ରସଙ୍ଗରେ ନିଜର ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଥିଲେ, ଯେଉଁଥିପାଇଁ ଦଳକୁ ଲଜ୍ଜାଜନକ ପରିସ୍ଥିତିର ସାମ୍ନା କରିବାକୁ ପଡୁଥିଲା। ତେଣୁ ସେ ଇସ୍ତଫା ଦେଇଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ନୀତୀଶ କୁମାର ଇଣ୍ଡିଆ ଆଲିଆନ୍ସରୁ ଅଲଗା ହେବା ସମୟରେ, କେସି ତ୍ୟାଗୀ ନୀତୀଶ କୁମାରଙ୍କୁ ଜୋରଦାର୍ ସମର୍ଥନ କରିଥିଲେ। କେସି ତ୍ୟାଗୀ ସମାଜବାଦୀ ରାଜନୀତିର ପୃଷ୍ଠଭୂମିରୁ ଆସିଛନ୍ତି। ସେ ପଶ୍ଚିମ ୟୁପିର ନେତା। ନୀତୀଶ କୁମାରଙ୍କ ସହ ତାଙ୍କର ଦୀର୍ଘ ଦିନର ସମ୍ପର୍କ ରହିଛି।

# ବ୍ରହ୍ମବରଦାରେ ବିଜେପିର ସଦସ୍ୟତା କର୍ମଶାଳା

ଧର୍ମଶାଳା,୧/୦୯ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର କରିଛି । ସରକାରଙ୍କ ଲୋକାଭିମୁଖ୍ୟ ଜନକଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ପଂହଚାଇବାକୁ ଲକ୍ଷ୍ୟ ରଖିଛି ବିଜେପି । ବୁଥ୍ ସ୍ତରରେ ସଂଗଠନକୁ ମଜଭୁତ କରିବା ନେଇ ଦଳ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ସଦସ୍ୟତା କର୍ମଶାଳା କାର୍ଯ୍ୟକ୍ରମ ଜରି ରଖିଛି । ଏହି କ୍ରମରେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ୩୫ ଓ ୩୬ ନଂ ଜୋନର ବ୍ରହ୍ମବରଦା ମଣ୍ଡଳ ଓ ଚନ୍ଦନେଶ୍ୱର ମଣ୍ଡଳକୁ ନେଇ ସଦସ୍ୟତା ଅଭିଯାନ କରିଛି । ବ୍ରହ୍ମବରଦା କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ଜିଲା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡାଙ୍କ ସଭାପତିତ୍ୱରେ ବରୀ ନିର୍ବାଚନ ମଣ୍ଡଳୀର ଯୁବ ନେତା ଉମେଶ ଜେନା,୩୫ ନଂ ଜେନା ସଭାପତି ଲକ୍ଷ୍ମୀଧର ପତି, ୩୬ ନଂ ଜୋନ ସଭାପତି ପ୍ରଶାନ୍ତ ମହାରଣା,ଜିଲା ସମ୍ପାଦକ ମୁକୁନ୍ଦ ମହାନ୍ତି,କୃଷକ ମୋର୍ଚ୍ଚା ସଭ୍ୟ ଅନିଲ ରାଉତ ପ୍ରମୁଖ ଯୋଗ ଦେଇ କାର୍ଯ୍ୟ୍ରକମର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏଥିରେ ବିଭିନ୍ନ ପଂଚାୟତର କର୍ମକର୍ତା ଚୟନ କରାଯାଇଥିଲା । ରାଜେନ୍ଦ୍ରପୁର ପଂଚାୟତର ଯୁବନେତା ସୁଶାନ୍ତ କୁମାର ବେହେରା,ସାମନ୍ତରାପୁର ପଂଚାୟତର ଯୁବନେତା ପ୍ରଫୁଲ୍ଲ ସାହୁ, ସାମନ୍ତରାପୁର ପଂଚାୟତର ଯୁବନେତା ଅଭିମନ୍ୟୁ ମହାଳିକ,ବିଜେପି ନେତ୍ରୀ ସୁମିତ୍ରା ବେହେରା ଓ ସଂଜୟ କୁମାର ବେହେରାଙ୍କ ସମେତ ଅଂଚଳର ବରିଷ୍ଠ ନେତା ଓ କର୍ମକର୍ତା ଉପସ୍ଥିତ ଥିଲେ । ଯାଜପୁର ଜିଲା ସ୍ୱଚ୍ଛଭାରତ ଅଭିଯାନ ସଂଯୋଜକ ପ୍ରଫୁଲ୍ଲ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସତ୍ୟ ସାଗର ରାଉତ,ଅରୟନ ଓଝା, ଅଶୋକ ସାହୁ, ଦେବାଶିଷ ସାହୁ ଓ ପ୍ରଶାନ୍ତ ମୁଦୁଲି ପ୍ରମଖ ସହଯୋଗ କରିଥିଲେ ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଚମ୍ପୁଆ,୧/୦୯ (ନି.ପ୍ର): ସ୍ଥାନୀୟ ମହିଳା ଉଚ୍ଚ ବିଦ୍ୟାଳୟ ତରଫରୁ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍ ଏସ ଏସ ପ୍ରୋଗ୍ରାମ ଅଫିସର ସଂଜୀବନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏନ୍ ଏସ ଏସ ସ୍ୱେଚ୍ଛାସେବୀ ମାନେ ବିଦ୍ୟାଳୟରୁ ଏକ ରାଲି ମାଧ୍ୟମରେ ବାହାରି ଚମ୍ପୁଆ ଗାନ୍ଧୀ ଛକ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ମାନେ ସଡ଼କ ସୁରକ୍ଷା ସମ୍ବନ୍ଧରେ ସ୍ଲୋଗାନ ମାନ ଦେଇଥିଲେ ଏବଂ ରାସ୍ତାରେ ଯାଉଥିବା ବାଇକ୍ ଚାଳକଙ୍କୁ ଚକଲେଟ ଦେଇ ହେଲମେଟ ପିନ୍ଧି ବାଇକ୍ ଚଳାଇବାକୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ଅଧ୍ୟାପକ ଦୀପକ କୁମାର କର, ଅଧ୍ୟାପିକା ମିତାଲି ଭୋଳ ଏବଂ ଅନିତା ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସମାଜସେବୀ ଦାଶରଥି ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତୀ ଅନାବରଣ ଉତ୍ସବ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): କେନ୍ଦ୍ରାପଡାର ଜଣାଶୁଣା ସମାଜସେବୀ ଦାଶରଥି ଦାସ ଓ ଗୁରୁଚରଣ ଦାସଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧଉତ୍ସବ ଓ ପ୍ରତିମୂର୍ତୀ ଅନାବରଣ ଅନୁଷ୍ଠିତ ହୋଇଯାଇଛି । ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରାଦ୍ଧ ଉତ୍ସବରେ ଝାଡଖଣ୍ଡ ପ୍ରଦେଶ ଯାଦବ ମହାସଭାର ଉପସଭାପତି ପିତାମ୍ବର ଦାସ ମୁଖ୍ୟ ଅତିଥି, ପ୍ରଫେସର କୁମରବର ଦାସ ମୁଖ୍ୟବକ୍ତା, ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ରାଷ୍ଟ୍ରୀୟ ଯୁବ ସଭାପତି ଇଞ୍ଜିନିୟର ପ୍ରଦୀପ କୁମାର ବେହେରା, ଯାଜପୁର ଜିଲ୍ଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ଦେବେନ୍ଦ୍ର ଦାସ, ତରଡିପାଳ ପଂଚାୟତର ସରପଂଚ ଦେବେନ୍ଦ୍ର ପ୍ରସାଦ ନାୟକ, ୧୫ନମ୍ବର ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦାଶରଥି ଦାସଙ୍କ ଜୀବନୀ ଓ ଆଦର୍ଶ ସଂପର୍କରେ ଆଲୋଚନା କରିବା ସହ ମୁଖ୍ୟ ଅତିଥି ଶ୍ରୀ ପିତାମ୍ବର ତାଙ୍କର ପ୍ରତିମୂର୍ତୀ ଉନ୍ମୋଚନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯାଦବ ମହାସଭାର ଉପସଭାପତି ଚିତରଞ୍ଜନ ଦାସ, କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପ୍ରସାଦ ପୃଷ୍ଟି, ନବ କିଶୋର ଦାସ ଅତିଥିଙ୍କୁ ମଂଚାସୀନ କରିବାକୁ ଡାକିଥିଲେ । ତରଡିପାଳ ଯାଦବ ସମିତିର ସଭାପତି ଭାଗବତ ପଲାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଚିନ୍ମୟୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସବାଶେଷରେ ନରେଶ ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ଦାଶରଥି ଦାସଙ୍କ ସୁପୁତ୍ର ଶେଷରେ ଅତିଥି ସେବା କରିଥିଲେ ।

# କେନ୍ଦ୍ରାପଡ଼ା ପୌରସଂସ୍ଥା ତରଫରୁ ଧୁମ୍‌ଧାମ୍‌ରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ଓ ସାଧାରଣ ସଭା

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): କେନ୍ଦ୍ରାପଡ଼ା ପୌରସଂସ୍ଥା ତରଫରୁ ଆଜି ସଂନ୍ଧ୍ୟାରେ ବଡ଼ ଆଡ଼ମ୍ବରରେ ଧୁମଧାମ୍‌ରେ ସ୍ୱାୟତଶାସନ ଦିବସ ୨୦୨୪ ପାଳିତ ହୋଇଯାଇଛି । ପୌର ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶୁଶ୍ରୀ ଲିଲିତା ଦାସ, ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସଲିମ ଖାନ, ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରମୁଖ ଯୋଗ ଦେଇଥିଲେ । ସଭା ପରିଚାଳନା କରିଥିଲେ ପୂର୍ବତନ ଡିପିଆଓ ଅଲେଖ ଚନ୍ଦ୍ର ଦାସ । ବିବରଣୀ ପାଠ କରିଥିଲେ ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର । ଆଜିର ଦିନରେ କେନ୍ଦ୍ରାପଡା ସହରକୁ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ଉପସ୍ଥିତ ଥିବା ସମସ୍ତ ପୌରସଂସ୍ଥା ଅଧିବାସୀମାନଙ୍କୁ ବକ୍ତାମାନେ ନିବେଦନ କରିଥିଲେ । ହାତକୁ ହାତ ମିଳାଇ ପୁରାତନ ପୌରସଂସ୍ଥାକୁ ସରସ ସୁନ୍ଦର ଭାବେ ଗଢି ତୋଳିବା ଆମମାନଙ୍କର କର୍ତବ୍ୟ । ସଂନ୍ଧ୍ୟା ସମୟରେ ପୌରସଂସ୍ଥା ତରଫରୁ ଆଲୋକମାଳା ଖଞ୍ଜାଯାଇ ସହରକୁ ଆଲୋକମୟ କରାଯାଇ ଥିଲା । ଆଜି ପ୍ରାତରୁ ରାମଧୂନୀ ଓ ପରେ ପ୍ରଭାତ ଫେରି, ଜାତୀୟ ପତାକା ଉତୋଳନ, ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା । ପୌରସଂସ୍ଥା ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରେ ଅନ୍ତେବାସୀ ରୋଗୀ ମାନଙ୍କୁ ଫଳ ବଣ୍ଟନ କରା ଯାଇଥିଲା । ପରେ ସବୁଜ ବନ୍ୟକରଣ ନିମନ୍ତେ ବୃକ୍ଷରୋପଣ କରା ଯାଇଥିଲା । ପରେ ପୌରସଂସ୍ଥା ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ କାର୍ଯ୍ୟକ୍ରମ ଶୁଭାରମ୍ଭ କରା ଯାଇଥିଲା । ପରେ ବିଶିଷ୍ଟ ନାଗରିକ ଓ ଅବସରପ୍ରାପ୍ତ ପୌର କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ପରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଂଟନ, ବାର୍ଦ୍ଧକ୍ୟ ଭତା, ବିଧବା ଭତା ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡରୁ ବହୁ ସଂଖ୍ୟକ ମହିଳା, ବୁଦ୍ଧିଜୀବି, ଆଇନଜୀବି ମାନେ ଯୋଗ ଦେଇଥିଲେ ।

# ଆଇଆଇଟି ଭୁବନେଶ୍ୱରରେ ଗ୍ୟାଷ୍ଟ୍ରୋ ଏବଂ ଓରାଲ୍ ସ୍କ୍ରିନିଂ କ୍ୟାମ୍ପ ଅନୁଷ୍ଠିତ

ଭୁବନେଶ୍ୱର,୧/୦୯ (ନି.ପ୍ର): ନିଜର ସ୍ୱାସ୍ଥ୍ୟସେବା ପଦକ୍ଷେପର ଏକ ଅଂଶ ଭାବରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର, ଏହାର ସଦସ୍ୟମାନଙ୍କ ପାଇଁ ଏକ ମାଗଣା ଗ୍ୟାଷ୍ଟ୍ରୋ ଏବଂ ଓରାଲ୍ ସ୍କ୍ରିନିଂ ଶିବିରର ଆୟୋଜନ କରିଛି । ବାଗଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଅନୁସନ୍ଧାନ ପ୍ରତିଷ୍ଠାନ, ଆଇଆଇଟି ଭୁବନେଶ୍ୱରର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ମିଳିତ ଭାବରେ ୩୧ ଅଗଷ୍ଟ ୨୦୨୪ ରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା । ଏହି ଅବସରରେ, ବାଗଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଅନୁସନ୍ଧାନ ପ୍ରତିଷ୍ଠାନର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ଡକ୍ଟର ଦେବକାନ୍ତ ମିଶ୍ର ଏବଂ ହେଡ୍ ଆଣ୍ଡ୍ ନେକ୍ ଅଙ୍କୋଲୋଜି ବିଭାଗର ଡକ୍ଟର ମହେଶ ସୁଲତାନିଆ ସେମାନଙ୍କ ଟିମ୍ ସହିତ ଛାତ୍ରଛାତ୍ରୀ, ପ୍ରତିଷ୍ଠାନର କର୍ମଚାରୀ ଏବଂ କ୍ୟାମ୍ପସର ଅଧିବାସୀମାନଙ୍କର ଗ୍ୟାଷ୍ଟ୍ରୋ ଏବଂ ଓରାଲ୍ କର୍କଟ ରୋଗର ସ୍କ୍ରିନିଂ କରିଥିଲେ । ଶିବିରର ଏକ ଅଂଶ ଭାବରେ ସେମାନେ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିଥିଲେ ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ପ୍ରାୟ ୪୦ ସଦସ୍ୟ ଏହି ଶିବିରରେ ଯୋଗ ଦେଇ ଉପକୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମର ସଂସ୍ଥାର ବରିଷ୍ଠ ଚିକିତ୍ସା ଅଧିକାରୀ ଡକ୍ଟର ମନସୁର ଅହମ୍ମଦ ଖାନ ସଂଯୋଜନା କରିଥିଲେ ।

# ସ୍ୱାଗତ ସମ୍ବର୍ଦ୍ଧନା ସଭା

ମାଲକାନଗିରି,୧/୦୯ (ନି.ପ୍ର): ମାଲକାନଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ ଆଡ଼ମିସନ ନେଇଥିବା କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଡକ୍ଟର ଉଦୟନାଥ ଖରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଉତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଏହି ବୈଠକରେ ସଭାପତିତ୍ୱ କରି ଛାତ୍ରଛାତ୍ରୀ ମାନଙ୍କୁ ଅନୁଶାସନ ଓ ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ପ୍ରଧାପକ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ସମୟାନୁବର୍ତିତା ହେବାପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଆୟୋଜନ କରିବା ସହିତ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ କଲମ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା । ପ୍ରାୟତଃ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ସ୍ୱାଗତ ସଭାରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌତମ ନାୟକ, ଲିପ୍ସାରାଣୀ ନାୟକ, ସୁଶାନ୍ତ ମାଝୀ, ତପନ କୁମାର ବେହେରା, ପ୍ରମୀୟ କୁମାର ମହାନ୍ତି,ଆରତୀ ଲୁଗୁନ, ବି. ଗୁପ୍ତେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ରହି ନିଜର ପରିଚୟ ପ୍ରଦାନ କରିଥିଲେ । ସଭା ଶେଷରେ ଅଧ୍ୟାପିକା ପ୍ରେମରେଖା ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ୪୦ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ

ଭୁବନେଶ୍ୱର,୧/୦୯ (ନି.ପ୍ର): ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଆନୁକୂଲ୍ୟରେ ସୁନ୍ଦରପଦାର କୁଚିଲାପୁଟସ୍ଥିତ ଟାଟା-ୱାଟ୍‌କୋ ପ୍ରୋଜେକ୍ଟ ପରିସରରେ ନିର୍ମାଣ ଶ୍ରମିକ ପଞ୍ଜିକରଣ ଶିବିର ଶନିବାର ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ ୪୦ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ କହିଲେ ଯେ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟସ୍ଥଳୀରେ ପଞ୍ଜିକରଣ ପ୍ରକ୍ରିୟା ଏକ ଯୁଗାନ୍ତକାରୀ ପଦକ୍ଷେପ । ଆମ ରାଜ୍ୟ ତଥା ଦେଶର ପ୍ରଗତିରେ ଶ୍ରମିକମାନେ ନିରବଚ୍ଛିନ୍ନ ଭାବେ ଗୁରିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି । ରାଜ୍ୟ ସରକାର ଶ୍ରମିକମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶ ଉପରେ ଗୁରିତ୍ୱ ପ୍ରଦାନ କରିବା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି । ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ, ମହିଳା ଶ୍ରମିକ, ଶିଳ୍ପ ସଂସ୍ଥା ତଥା ବାଣିଜ୍ୟ ପ୍ରତିଷ୍ଠାନର କାର୍ଯ୍ୟରତ ଶ୍ରମିକ ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ବୋର୍ଡ ମାଧ୍ୟମରେ ଯୋଗ୍ୟ ଅଣସଂଗଠିତ ଶ୍ରମିକମାନଙ୍କର ପଞ୍ଜୀକରଣ ତଥା ସହାୟତା ପାଇଁ ଏକ ଅନଲାଇନ ପୋର୍ଟାଲ, ବିଭାଗର ପରିଶ୍ରମ ପୋର୍ଟାଲରେ ଅନଲାଇନ ସେବା ଏବଂ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ନିର୍ମାଣ ଶ୍ରମିକ ପୋର୍ଟାଲ ମାଧ୍ୟମରେ ଅନଲାଇନ ସେସ ଆଦାୟ ମଡ୍ୟୁଲ ବ୍ୟବସ୍ଥା କରାଯାଇଛି ଯାହାଦ୍ୱାରା କି ଶ୍ରମିକମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାର ସହାୟତା ଓ ସେବା ସହଜରେ ଉପଲବ୍ଧ ହୋଇପାରିବ । ଏଥି ସହିତ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ମଧ ସରକାର ପ୍ରାଥମିକତା ଦେଇଛନ୍ତି । ଅଣସଂଗଠିତ ଶ୍ରମିକଙ୍କ ସହାୟତା ପାଇଁ ଚିକିତ୍ସା ସହାୟତା ଯୋଗାଇଦେବାଠାରୁ ଆରମ୍ଭ କରି ଦୁର୍ଘଟଣାଜନିତ ଅକ୍ଷମତା ପାଇଁ ସହାୟତା ଏବଂ ମୃତ୍ୟୁକାଳୀନ ସହାୟତା ମଧ ଯୋଗାଇ ଦିଆଯିବ । ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡକୁ ବାର୍ଷିକ ଅଂଶଦାନକାରୀ କର୍ମଚାରୀଙ୍କର ପିଲାମାନେ ନିର୍ଦ୍ଧାରିତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ, ସେମାନଙ୍କୁ ମେଧାବୀ ଛାତ୍ରବୃତି ବାବଦରେ ଏକ ଲକ୍ଷ ଟଙ୍କା ବୃତି ପ୍ରଦାନର ବ୍ୟବସ୍ଥା ମଧ ରାଜ୍ୟ ସରକାର କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ ମତବ୍ୟକ୍ତ କରିଛନ୍ତି । ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ଆଇନଗତ ଅଧିକାରର ସୁରକ୍ଷା ନିମନ୍ତେ ଆଦାୟ କରାଯାଉଥିବା ସେସ ସେମାନଙ୍କର ସହାୟତା ପାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହି ଅନଲାଇନ ପୋର୍ଟାଲ ଦ୍ୱାରା ଜନ ସେବା କେନ୍ଦ୍ରରେ ଶ୍ରମିକ ଭାଇ ଓ ଭଉଣୀମାନେ ସେମାନଙ୍କର ପଞ୍ଜୀକରଣ ଓ ବିଭିନ୍ନ ସହାୟତା ଯଥା: ଶିକ୍ଷାବୃତି ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା, ମୃତ୍ୟୁ କାଳୀନ ସହାୟତା ଏବଂ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ସହାୟତା ଏବଂ କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ନିମନ୍ତେ ଆବେଦନ କରିପାରିବେ । ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଉପଲବ୍ଧ ଥିବା ସମସ୍ତ ସେବାଗୁଡ଼ିକର ଲାଭ ପାଇବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ପୋର୍ଟାଲରେ ସିଧାସଳଖ ଲଗ୍ ଇନ୍ କରି ଦରଖାସ୍ତ କରିପାରିବେ ଏବଂ ଉକ୍ତ ସେବା ଥିବା ସମସ୍ତ 'ଜନସେବା କେନ୍ଦ୍ର'ମାନଙ୍କରେ ଆବେଦନ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଉଲ୍ଲେଖ କରିଥିଲେ ।

# ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଚମ୍ପୁଆ,୧/୦୯ (ନି.ପ୍ର): ସାରା ରାଜ୍ୟରେ ସ୍ୱାୟତ ଶାସନ ଦିବସ ପାଳନ କରା ଯାଉଥିବା ବେଳେ ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସ୍ୱାୟତ ଶାସନ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ସୁମିତ୍ରା ବେହେରାଙ୍କ ସହିତ ସମସ୍ତ କାଉନସିଲର କର୍ମଚାରୀ ସ୍ୱଚ୍ଛସାଥି ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସକାଳୁ ପ୍ରଥମେ ରାମଧୂନ ଦିଆ ଯାଇଥିଲା । ଏହା ପରେ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କ ଦ୍ୱାରା ଜାତୀୟ ପତକା ଉତୋଳନ କରାଯାଇ ଚମ୍ପୁଆର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରା ଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଜ୍ଞାପିତ ଅଂଚଳ ତରଫରୁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀ ମାନଙ୍କୁ ଓ ଉପକାରାଗାରରେ ଥିବା କଏଦୀ ମାନଙ୍କୁ ଫଳ ବଂଟନ କରା ଯାଇଥିଲା । ଏହାପରେ ଧରଣୀଧର ନଗର ଭବନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ମଲ୍ଲିକ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ ଉପାଧାକ୍ଷା ସୁମିତ୍ରା ବେହେରା ଯୋଗ ଦେଇଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ବିଜ୍ଞାପିତ ଅଂଚଳ ପରିଷଦର ବିବରଣୀ ପାଠ କରି ଥିବା ବେଳେ ପ୍ରକାଶ ଚନ୍ଦ୍ର କୁଣ୍ଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନନ୍ତ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଚମ୍ପୁଆର ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଉପଢୌକନ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ପରିଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଚନ୍ଦ୍ର କୁଣ୍ଡୁ ଓ ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରି ଥିବାବେଳେ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମଦ୍ୟପାନ କରି ବାଇକ ଚଳାଇବା ଅଭିଯୋଗ: ମଦ୍ୟପ ଗିରଫ

ଜୟପୁର,୧/୦୯ (ନି.ପ୍ର): ମଦ୍ୟପାନ କରି ବାଇକ ଚଳାଉ ଥିବା ବେଳେ ଜୟପୁର ସଦର ପୋଲିସ ଯାଂଚ କରି ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା କଳଶାହାଣ୍ଡି ଗ୍ରାମର ହରିଷ୍ଟ ଚନ୍ଦ୍ର ଗୌଡ (୨୭) । ପୋଲିସ ସୁଚନା ଅନୁଯାଇ ଜୟପୁର ସଦର ପୋଲିସ ଶୁକ୍ରବାର ରାତ୍ର ସମୟରେ ଭୁତନାଥ ମନ୍ଦିର ନିକଟରେ ଗାଡି ଯାଂଚ କରିଥିଲା । ସେହି ସମୟରେ ଜଣେ ବାଇକ ଚାଳକକୁ ଅଟକାଇ ଗାଡି ଯାଂଚ କରିଥିଲା । ବାଇକ ଚାଳକ ଜଣକ ବିନା ହେଲମେଟରେ ମଦ୍ୟପାନ କରି ବାଇକ ଚଲାଉ ଥିବା ପୋଲିସ ଜାଣିବାକୁ ପାଇଥିଲା ।

# ବାଇକରୁ ପଡି ମହିଳା ଗୁରୁତର

କୋରେଇ,୧/୦୯ (ନି.ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥ ସର୍ଭିସ ରୋଡ ହାଟସାହି ଶଙ୍ଖଚିଲା ରାସ୍ତାର ଗୋଳେଇପୁର ଛକ ନିକଟରେ ମଙ୍ଗଳବାର ରାତ୍ରୀରେ ବାଇକରୁ ଖସି ପଡି ମହିଳା ଗୁରୁତର ଆହତ ହୋଇଛନ୍ତି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ମଳପଡା ଗ୍ରାମର ପଦନ ଦଳେଇ ତାଙ୍କ ଭାଣିଜୀ ଓ ତାର ଶିଶୁ ପୁତ୍ରକୁ ଛାଡିବାକୁ ଦାନଗଦିକୁ ଏକ ବାଇକ ଯୋଗେ ଯାଉଥିଲେ । ଦାନଗଦି ବାଲିପଶି ଗ୍ରାମରେ ଭାଣିଜୀ ଚିନ୍ମୟୀର ଶାଶୁଘର ଅଟେ । ଏକ ହିରୋ ସ୍ପ୍ଲେଣ୍ଡର ବାଇକ (ଓଆର ୨୨ସି ୭୭୯୯) ବାଇକରେ ଯାଉଥିବା ବେଳେ ଗୋଳେଇପୁର ଗ୍ରାମ ଛକ ନିକଟରେ ହଠାତ ବାଇକରୁ ଚିନ୍ମୟୀ ଖସି ପଡିଥିଲେ । ଫଳରେ ସେ ଗରୁତର ଆହତ ହୋଇଥିଲେ । ଖବରପାଇ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପ ସଭାପତି ଅଶୋକ ଦାସ ପହଂଚି ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳଙ୍କୁ ଖବର ଦେଇଥିଲେ । ପେଟ୍ରୋଲିଂଗ ଅଧିକାରୀ ଶ୍ରୀ ବଳ ପହଂଚି ଚିନ୍ମୟୀକୁ ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

# କୋରାପୁଟ-ସିଙ୍ଗାପୁର ରୋଡ୍ ରେଳ ଲାଇନ ଦୋହରୀକରଣ କାର୍ଯ୍ୟ


ଭୁବନେଶ୍ୱର,୧/୦୯ (ନି.ପ୍ର): କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ରେଳ ଲାଇନରେ ୧୬୫ କିଲୋମିଟର ଦୈର୍ଘ୍ୟରେ ଚାଲୁରହିଥିବା ଦୋହରୀକରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ଆହ୍ୱାନ ସତ୍ତ୍ୱେ କ୍ରମାଗତ ଭାବରେ ଅଗ୍ରଗତି କରିଚାଲିଛି । ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଆଂଚଳିକ ବିକାଶକୁ ପ୍ରୋତ୍ସାହନ କରିବା ପାଇଁ ଜଟିଳ ଭୌଗଳିକ ଏବଂ ପ୍ରତିକୂଳ ପରିବେଶ ପରିସ୍ଥିତି ସତ୍ତ୍ୱେ ପ୍ରକଳ୍ପଟି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ପ୍ରକଳ୍ପର ୨୨.୯୪ କିଲୋମିଟର ଦୈର୍ଘ୍ୟ ଲକ୍ଷ୍ମୀପୁର ଏବଂ ଟିକିରି ମଧ୍ୟରେ ରେଳ ଲାଇନ ଦୋହରୀକରଣ କାର୍ଯ୍ୟକୁ ସଫଳତାର ସହ ସମାପ୍ତ କରାଯାଇ କାର୍ଯ୍ୟକ୍ଷମ ହୋଇଛି । ଏକ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଂଚଳ ଟିକିରି ଏବଂ ଭାଲୁମାସ୍କା ଷ୍ଟେସନ ମଧ୍ୟରେ ୪୫.୪୬ କିଲୋମିଟର ଦୂରତା ବିଶିଷ୍ଟ ରେଳ ସେକ୍ସନ ମଧ୍ୟରେ ଟନେଲ ଏବଂ ସେତୁ ନିର୍ମାଣ ପାଇଁ ମଧ ଟେଣ୍ଡର ଆହ୍ୱାନ କରାଯାଇଅଛି । ଲକ୍ଷ୍ମୀପୁର ରୋଡ୍ ଏବଂ ବାଇଗୁଡା ମଧ୍ୟରେ ୨୭.୮୨ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । କୋରାପୁଟ-ରାୟଗଡା ରେଳ ମାର୍ଗରେ ଭୂସ୍ଖଳନ ହେବାର ଅନେକ ଅଂଚଳ ଅନ୍ତର୍ଭୁକ୍ତ । ବିଶେଷକରି ଟିକିରି-ଭାଲୁମାସ୍କା ରେଳ ସେକ୍ସନ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଂଚଳରେ ଅବସ୍ଥିତ । ବର୍ତମାନ କୋରାପୁଟ-ରାୟଗଡା ରେଳ ମାର୍ଗରେ ୩୬ ଟି ଟନେଲ୍ ଥିବାବେଳେ ଦୋହରୀକରଣ କାର୍ଯ୍ୟରେ ୩୨ ଟି ଟନେଲ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି । ସେଥିମଧ୍ୟରେ ଟିକିରି ଏବଂ ଭାଲୁମାସ୍କା ମଧ୍ୟରେ ୧୯ ଗୋଟି, ଭାଲୁମାସ୍କା ଏବଂ ସିଙ୍ଗାପୁର ରୋଡ୍ ମଧ୍ୟରେ ୯ ଗୋଟି ଏବଂ ବାଇଗୁଡା ଏବଂ ଲକ୍ଷ୍ମୀପୁର ରୋଡ୍ ମଧ୍ୟରେ ୪ ଗୋଟି ଟନେଲ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟରେ ଉଚ୍ଚ ପର୍ବତ ଶୃଙ୍ଗ ସହିତ ଖାଇ ଅନ୍ତର୍ଭୁକ୍ତ । ଗୋଟିଏ ପାର୍ଶ୍ୱରେ ପାହାଡ ଦ୍ୱାରା ସୀମାନ୍ତ ଥିବାବେଳେ ଅନ୍ୟ ପାର୍ଶ୍ୱରେ ୧୦୦ ମିଟରରୁ ଅଧିକ ଖାଇ ଅବସ୍ଥିତ ଓ ଗଭୀର ଉପତ୍ୟକା ଅବସ୍ଥିତ ଥିବା ଦ୍ୱାରା ଏହି ପ୍ରକଳ୍ପର ନିର୍ମାଣ ଉଭୟ ଏକ ବଡ଼ ଆହ୍ୱାନ ଏବଂ ବିପଜ୍ଜନକ ଅଟେ । ଏହି ପ୍ରକଳ୍ପର ଦୀର୍ଘତମ ଟନେଲ୍ ୨ କିଲୋମିଟର ଦୈର୍ଘ୍ୟ ଯାହା ଆବଶ୍ୟକ ଇଞ୍ଜିନିୟରିଂର ମାପକାଠି ପ୍ରଦର୍ଶନ କରିବ । ଏହି ରେଳ ଲାଇନ ପ୍ରକଳ୍ପ ଏକ ଘାଟ ସେକ୍ସନ ଏବଂ ସଂରକ୍ଷିତ ଜଙ୍ଗଲ ଅଂଚଳ ଦେଇ ଅତିକ୍ରମ କରୁଥିବାରୁ ପରିବେଶର ପ୍ରଭାବକୁ କମ୍ କରିବାକୁ ଯତ୍ନଶୀଳ ଯୋଜନା ଏବଂ କାର୍ଯ୍ୟକାରିତା ଆବଶ୍ୟକ କରୁଛି । କୋରାପୁଟ-ସିଙ୍ଗାପୁର ରୋଡ୍ ରେଳ ଲାଇନ ମାର୍ଗ ଏହାର ଚମତ୍କାର ଦୃଶ୍ୟ ଦୃଶ୍ୟ ପାଇଁ ପ୍ରସିଦ୍ଧ ଯାହା ୟୁରୋପୀୟ ଦେଶମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରେ । ଏହି ରେଳ ଲାଇନର ଦୋହରୀକରଣ ହେବା କେବଳ ରେଳ ପରିବହନର ଦକ୍ଷତା ଏବଂ କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଏହି ଅଂଚଳରେ ପର୍ଯ୍ୟଟନ ପାଇଁ ନୂତନ ସୁଯୋଗ ମଧ୍ୟ ଶୃଷ୍ଟି କରିବ । ଉନ୍ନତ ରେଳ ସଂଯୋଗ ଏହି ଅଂଚଳକୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ, ଯାହା ଦ୍ୱାରା ପର୍ଯ୍ୟଟକ ମାନେ ଭାରତର ଏହି ଅଞ୍ଚଳର ଚମତ୍କାର ଦୃଶ୍ୟ ଏବଂ ସାଂସ୍କୃତିକ ସମୃଦ୍ଧତାକୁ ଅନୁଭବ କରିବେ । ଉନ୍ନତ ଭିତିଭୂମି ଯାତ୍ରୀମାନଙ୍କ ପାଇଁ ଏହି ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନୁସନ୍ଧାନ କରିବା, ସ୍ଥାନୀୟ ଅର୍ଥନୀତିକୁ ଆହୁରି ବୃଦ୍ଧି କରିବା ଏବଂ ନିରନ୍ତର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହଜ କରିବ । କୋରାପୁଟ-ସିଙ୍ଗାପୁର ରୋଡ ରେଳ ଲାଇନର ଦୋହରୀକରଣ ହେବା ଦ୍ୱାରା ଏହି ଅଞ୍ଚଳର ରେଳ ଭିତିଭୂମିରେ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।

# ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୨୭ ଭାଗ ସଂରକ୍ଷଣ ନେଇ ରାଜ୍ୟପାଳଙ୍କୁ ଭେଟିଲା ଓବିସି ଫୋରମ୍

ଭୁବନେଶ୍ୱର,୧/୦୯ (ନି.ପ୍ର): ରାଜ୍ୟ ଓବସି ଫୋରମ୍ ପକ୍ଷରୁ ଏକ ୩ ଜଣିଆ ପ୍ରତିନିଧି ଦଳ ଓବିସି ସଂରକ୍ଷଣ ନେଇ ଏକ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି । ଏହି ସ୍ମାରକପତ୍ରରେ କୁହାଯାଇଛି ଯେ ଓଡ଼ିଶା ସରକାର ରାଜ୍ୟର ୫୨ ଭାଗ ପଛୁଆ ବର୍ଗଙ୍କୁ ଆଜି ପର୍ଯ୍ୟନ୍ତ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେଲେନାହିଁ । କେନ୍ଦ୍ର ସରକାର ଲାଗୁ କରୁଥିବା ନିଯୁକ୍ତି କ୍ଷେତ୍ରରେ ୨୭ ଭାଗ ସଂରକ୍ଷଣକୁ ଓଡ଼ିଶା ସରକାର ମାତ୍ର ୧୧.୨୫ରେ ସୀମିତ ରଖିଛନ୍ତି । ମେଡିକାଲ୍, ଇଂଜିନିୟରିଂ ସମେତ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଶିକ୍ଷା କ୍ଷେତ୍ରରେ ଓବିସି ଛାତ୍ରଛାତ୍ରୀମାନଙ୍କୁ କୌଣସି ସଂରକ୍ଷଣ ଦିଆଯାଉନାହିଁ । ଏହାଫଳରେ ରାଜ୍ୟର ପଛୁଆ ବର୍ଗର ବେକାର ଯୁବକ ଯୁବତୀମାନେ ପାଖାପାଖି ୧୮ ହଜାର ୭୦୦ଟି ପଦବୀରେ ନିଯୁକ୍ତି ସୁଯୋଗ ହରାଇବାକୁ ଯାଉଛନ୍ତି ବୋଲି ଓବିସି ଫୋରମ୍‌ର ରାଜ୍ୟଶାଖା ଅଧ୍ୟକ୍ଷ ରବି ବେହେରା ଅଭିଯୋଗ କରିଛନ୍ତି । ବର୍ତ୍ତମାନ ନାମଲେଖା ରତୁ ଚାଲିଥିଲାବେଳେ ମେଡିକାଲ୍, ଇଂଜିନିୟରିଂ ସମେତ କଳା, ବାଣିଜ୍ୟ ଓ ବିଜ୍ଞାନ ନାମଲେଖା କ୍ଷେତ୍ରରେ ଓଡ଼ିଶା ସରକାର ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ସୁଯୋଗ ନ ଦେବା ଅନ୍ୟ ଏକ ବିଡ଼ମ୍ବନା । କୁଳାଧିପତି ଭାବରେ ରାଜ୍ୟପାଳ ଓବିସି ଛାତ୍ରଛାତ୍ରୀଙ୍କୁ ତୁରନ୍ତ ତାଙ୍କ ନାମ ଲେଖାରେ ୨୭ ଭାଗ ସ୍ଥାନ ସଂରକ୍ଷଣ ଦେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ଏ ହ । ବ୍ୟତୀତ ପୂର୍ବ ସରକାରଙ୍କ ସମୟରେ ରାଜ୍ୟ ପଛୁଆବର୍ଗ କମିଶନଙ୍କ ଦ୍ୱାରା ଯେଉଁ ଓବିସି ସର୍ଭେକ୍ଷଣ କରାଯାଇଥିଲା ତାର ରିପୋର୍ଟକୁ ତୁରନ୍ତ ସାର୍ବଜନୀନ କରିବା ପାଇଁ ଆଜି ଓବିସି ଫୋରମ୍ ଏହି ସ୍ମାରକପତ୍ରରେ ଦାବି କରିଛି । ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଅତିଥି ଅଧ୍ୟାପକ ନିଯୁକ୍ତି ଓ ଆଉଟ୍ ସୋର୍ସିଂ କର୍ମଚାରୀ ନିଯୁକ୍ତି ଓ ଠିକା କର୍ମଚାରୀ ନିଯୁକ୍ତିରେ ମଧ୍ୟରେ ଓବିସି ବର୍ଗଙ୍କ ପାଇଁ ୨୭ଭାଗ ସ୍ଥାନ ସଂରକ୍ଷଣ କରିବାକୁ ଓବିସି ଫୋରମ୍ ପକ୍ଷରୁ ଦାବି କରାଯାଇଛି । ବିଗତ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ନିର୍ବାଚନରେ ଓବିସି ମାନଙ୍କର ସଂରକ୍ଷଣକୁ ଅଣଦେଖା କରି ସେମାନଙ୍କୁ ନିର୍ବାଚନରୁ ବଞ୍ଚିତ କରିଥିଲେ । ଏହା ବ୍ୟତୀତ ଓବିସି ଅର୍ଥନିଗମକୁ ସକ୍ରିୟ କରି ପଛୁଆବର୍ଗର ବେକାର ଯୁବକ ଯୁବତୀଙ୍କୁ ଆତ୍ମନିଯୁକ୍ତି ଋଣ ପ୍ରଦାନ କରିବା ପାଇଁ ସ୍ମାରକପତ୍ରରେ ମାନ୍ୟବର ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ଚାରି ଜଣିଆ ପ୍ରତିନିଧି ଦଳରେ ଶ୍ରୀ ବେହେରାଙ୍କ ସମେତ ଓବିସି ଫୋରମ୍‌ର ସମ୍ପାଦକ ନାରାୟଣ ଡାଲୁଆ, କାର୍ଯ୍ୟକାରୀ କମିଟି ସଭ୍ୟ କିଶୋର ସୂତାର ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କ ସହିତ ସାକ୍ଷାତ ଆଲୋଚନା କରି ସ୍ମାରକପତ୍ର ପ୍ରଦାନ କରିଥିଲେ । ରାଜ୍ୟର ସାମ୍ବିଧାନିକ ମୁଖ୍ୟ ତଥା କୁଳାଧିପତି ଭାବରେ ମାନ୍ୟବର ରାଜ୍ୟପାଳ ଓବିସି ବର୍ଗଙ୍କର ସାମ୍ବିଧାନିକ ଅଧିକାରକୁ ନିଶ୍ଚିତ କରିବେ ବୋଲି ଫୋରମ୍ ପକ୍ଷରୁ ଆଶାପ୍ରକାଶ କରାଯାଇଛି ।

# କାହିଁକି ଚାପଗ୍ରସ୍ତ ଆମ ଯୁବପିଢି ? ଜାଣନ୍ତୁ ସମାଧାନର ବାଟ

**ବର୍ତ୍ତମାନ ଆମେ ଏପରି ଏକ ସ୍ଥିତିର ପହଞ୍ଚିଛନ୍ତି, ଯେଉଁ ସମୟରେ ଚାପ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା। ଚାପ ଏବେ ଅନେକ ରୋଗର ମୁଖ୍ୟ କାରଣ ପାଲଟିଛି। ୧୮ ରୁ ୪୫ ବର୍ଷ ବୟସର ଯୁବପିଢି ଭୋଗୁଥିବା ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ଚାପ। ତେବେ ଆମ ଯୁବପିଢିଙ୍କ ଚାପଗ୍ରସ୍ତର କାରଣ କଣ ହୋଇପାରେ, ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରାର୍ଥକ୍ୟ ଏବଂ କିପରି ଏହାର ସମାଧାନ କରାଯାଇ ପାରିବ, ଜାଣନ୍ତୁ...**



*ଚାପ କ'ଣ ?*

ଚାପ ହେଉଛି ଏକ ପ୍ରାକୃତିକ ପ୍ରତିକ୍ରିୟା, ଯାହା ବିଭିନ୍ନ କାରଣରୁ ହୋଇପାରେ, ଯେପରିକି କାର୍ଯ୍ୟ, ସମ୍ପର୍କ, ଆର୍ଥିକ ଅସୁବିଧା କିମ୍ବା ଜୀବନର ପ୍ରମୁଖ ପରିବର୍ତ୍ତନ। ଯେତେବେଳେ ଆମେ ଚାପର ସମ୍ମୁଖୀନ ହୋଇଥାଉ, ଏହା ଶାରୀରିକ ଏବଂ ମାନସିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହି ପ୍ରତିକ୍ରିୟାଗୁଡ଼ିକ ଟେନସନ, ଚିନ୍ତା, କିମ୍ବା ଅତ୍ୟଧିକ ଭାବନା ପରି ଦେଖାଯାଏ।

ଚାପଗ୍ରସ୍ତ ହେଲେ ଶରୀର କର୍ଟିସୋଲ ଏବଂ ଆଡ୍ରେନାଲିନ୍ ପରି ହରମୋନ ମୁକ୍ତ କରିଥାଏ। ଏହି ହରମୋନ ହୃଦସ୍ପନ୍ଦନ ଏବଂ ରକ୍ତଚାପ ବୃଦ୍ଧିକରେ, ଫଳରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ।

ଆପୋଲୋ ହସ୍ପିଟାଲ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁସାରେ, ପ୍ରତି ୧୧,୦୦୦ ଲୋକଙ୍କ ମଧ୍ୟରୁ ପ୍ରାୟ ୮୦% ଲୋକ କ୍ରନିକ୍ ଚାପରେ ପୀଡିତ। ଏହି ରିପୋର୍ଟରେ କୁହାଯାଇଛି ଯେ, ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପରି ଅଣସଂକ୍ରାମକ ରୋଗ (ଘଉଉଗ୍ଧ) ସହ ଚାପର ସିଧାସଳଖ ଲିଙ୍କ ରହିପାରେ। ବାସ୍ତବରେ, ଏହା ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗକୁ ୧.୩ରୁ ୨ ଗୁଣ ବଢାଇଥାଏ।

*କେଉଁ କାରଣର ଆମେ ଅଧିକ ଅଧିକ ଚାପଗ୍ରସ୍ତ ?*

ବିଶେଷଜ୍ଞଙ୍କ କହିବା ଅନୁସାରେ, ଚାପର ବିଭିନ୍ନ କାରଣ ମଧ୍ୟରୁ ମୁଖ୍ୟ କାରଣ ହେଉଛି ଏକାଡେମିକ୍ ଚାପ, ଆର୍ଥିକ ଚିନ୍ତା ଏବଂ କ୍ୟାରିୟର ଅନିଶ୍ଚିତତା। ଅନ୍ୟାନ୍ୟ ଚିନ୍ତା, ଯାହା ଯୁବପିଢିଙ୍କୁ ରୋଗ ବିପଦରେ ପକାଇଥାଏ ତାହା ହେଉଛି ସୋଶାଲ ମିଡିଆରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରିବା ଏବଂ ଜୀବନ ସାଥୀ ଓ ପରିବାର ସମସ୍ୟା।

ଅଧିକାଂଶ ଲୋକ ଭାବନ୍ତି ଯେ, ଚାପଗ୍ରସ୍ତର ଅର୍ଥ ମସ୍ତିଷ୍କ ଉପରେ ପ୍ରଭାବ ପଡିବା। ବାସ୍ତବରେ ଏହା ନୁହେଁ, ଚାପ ସମଗ୍ର ଶରୀରକୁ ପ୍ରଭାବିତ କରିପାରେ। ନିୟମିତ ଭାବେ କର୍ଟିସୋଲ ହରମୋନ ରିଲିଜ୍ ହେଲେ ସ୍ୱାସ୍ଥ୍ୟ ଉପରେ ଏହାର ଗମ୍ଭୀର ପ୍ରଭାବ ପଡେ। କର୍ଟିସୋଲ କାରରୁ ଶରୀରରେ ଚର୍ବି ଜମାଟ(ବିଶେଷ କରି ପେଟ), ଓଜନ ବୃଦ୍ଧି, ଇନସୁଲିନ୍ ପ୍ରତିରୋଧ, ମେଟାବୋଲିକ୍ ଡିସଫଙ୍କସନ, ମଧୁମେହ ଏବଂ ଉଚ୍ଚ ରକ୍ତଚାପର ଆଶଙ୍କା ବଢିଥାଏ। ଏହି ହରମୋନ କାରଣରୁ ମଧ ଠିକ୍ ନିଦ ହୋଇନଥାଏ।

*ମହିଳା ଓ ଚାପ*

୨୦୨୪ ଆପୋଲୋ ହସ୍ପିଟାଲ୍ ରିପୋର୍ଟ ଅନୁଯାୟୀ, ମହିଳାମାନେ ହିଁ ଅଧିକ ଚାପଗ୍ରସ୍ତ ହୁଅନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଦର୍ଶାଇଛନ୍ତି ଯେ, ଜୈବିକ, ମାନସିକ ଏବଂ ସାମାଜିକ କାରଣଗୁଡ଼ିକ ଏଥିପାଇଁ ମୁଖ୍ୟତଃ ଭାବେ ଦାୟୀ। ମହିଳାଙ୍କ ଶରୀରରୁ ରିଲିଜ୍ ହେଉଥିବା ଇଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରନ୍ ହରମୋନ ଚାପର ପ୍ରତିକ୍ରିୟାକୁ ପ୍ରଭାବିତ କରିପାରେ। ଅଧ୍ୟୟନରୁ ଜଣାପଡିଛି ଯେ, ମାସିକ ଋତୁଚକ୍ର, ଗର୍ଭାବସ୍ଥା ଏବଂ ମେନୋପଜ୍ ସମୟରେ ଏହି ହରମୋନଗୁଡ଼ିକର ପରିବର୍ତ୍ତନ କାରଣରୁ ମହିଳାମାନେ ଅଧିକ ଚାପଗ୍ରସ୍ତ ହୋଇପାରନ୍ତି। ଅନୁସନ୍ଧାନରୁ ଆହୁରି ଜଣାଯାଇଛି ଯେ, ଚାପ ସମୟରେ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖାଯାଏ।

*ସମାଧାନ କ'ଣ ?*

ବିଶେଷଜ୍ଞଙ୍କ କହିବା ଅନୁସାରେ, ନିୟମିତ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ହେବା ଏବଂ ପୋଷକତତ୍ତ୍ୱରେ ଭରପୂର ସନ୍ତୁଳିତ ଖାଦ୍ୟ ବଜାୟ ରଖିବା ଦ୍ୱାରା ଚାପରୁ ମୁକ୍ତି ମିଳିପାରିବ। ଶାରୀରିକ ବ୍ୟାୟାମ ଫଳରେ ଏଣ୍ଡୋରଫିନ ରିଲିଜ୍ ହୋଇଥାଏ। ଏହି ହରମୋନ ମନୋବଳକୁ ଦୃଢ କରିବା ସହ ସୁସ୍ଥତା ବଜାୟ ରଖିଥାଏ।

କେତେକ ଖାଦ୍ୟ ଅଛି, ଯେପରିକି ଓମେଗା-୩ ଫ୍ୟାଟି ଏସିଡ୍ ଚାପ ହରମୋନ ଉତ୍ପାଦନକୁ ହ୍ରାସ କରିପାରେ। ଏହା ବ୍ୟତୀତ, ପ୍ରିୟଜନଙ୍କ ସହ ବାର୍ତ୍ତାଳାପ, ବନ୍ଧୁମାନଙ୍କ ସହ ସମୟ ବିତାଇବା ଏବଂ ସଙ୍ଗୀତ ସାହାଯ୍ୟରେ ମଧ ଚାପକୁ ଦୂର କରାଯାଇ ପାରିବ।

# ଘରେ କରନ୍ତୁ ରେଷ୍ଟୁରାଣ୍ଟ ଷ୍ଟାଇଲର ମଲାଇ ମସରୁମ ମସାଲା

ଆବଶ୍ୟକ ସାମଗ୍ରୀ: ମସରୁମ, ରିଫାଇନ ତେଲ, ଜିରା,ଗୁଜରାତି, ଡାଲିଚିନି, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ, ଟମାଟୋ, କାଜୁ, ଫ୍ରେଶ୍ ମଲାଇ, କସ୍ତୁରୀ ମେଥି, ଧନିଆ ପତ୍ର



ପ୍ରସ୍ତୁତି ପ୍ରଣାଳୀ: ଏକ ପ୍ୟାନ୍ ରେ ରିଫାଇନ ତେଲ ଗରମ କରି ଜିରା ପକାନ୍ତୁ। ଏହାପରେ ସେଥିରେ ଗୁଜରାତି, ଡାଲିଚିନି ପକାଇ ପିଆଜ ପକାନ୍ତୁ। ପିଆଜ ଗୋଲଡେନ ଫ୍ରାଏ ହେବା ପରେ ସେଥିରେ ଅଦା ରସୁଣ ଓ କଞ୍ଚାଲଙ୍କା ପେଷ୍ଟ ପକାନ୍ତୁ। ଏହାକୁ ଭଲ ଭାବେ କଷନ୍ତୁ। ଏହାପରେ ସେଥିରେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ ପକାନ୍ତୁ। ଅଳ୍ପ ପାଣି ଦେଇ ମସଲାକୁ ଭଲ ଭାବେ ଘାଣ୍ଟନ୍ତୁ। ଏହାପରେ ସେଥିରେ ଟମାଟୋ କଟା ପକାନ୍ତୁ। ସେଥିରେ ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ। ଟମାଟୋ ଭଲ ଭାବେ ସିଝିଯିବା ପରେ ଗ୍ୟାସ୍‌କୁ ସ୍ଲୋ କରି ସେଥିରେ ଦହି ପକାଇ ଫେଣ୍ଟନ୍ତୁ। ଦହି ଭଲ ଭାବେ ମିଶିଯିବା ପରେ ସେଥିରେ କାଜୁ ପେଷ୍ଟ ଓ ଫ୍ରେଶ୍ ମଲାଇ ପକାନ୍ତୁ। ଏହା ଭଲ ଭାବେ କଷି ଯିବା ପରେ ମସରୁମ୍‌କୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ସେଥିରେ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ। ପ୍ରାୟ ୧୦ ମିନିଟ୍ ପରେ ଢାଙ୍କୁଣି କାଢ଼ି ତାହାକୁ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କସ୍ତୁରୀ ମେଥି, ଧନିଆ ପତ୍ର, ପକାଇ ପ୍ଲେଟରେ ସର୍ଭ କରନ୍ତୁ ମସରୁମ୍ ମସାଲା । ଗରମାଗରମ ରୁଟଇ ସହ ଏହାର ମଜା ନିଅନ୍ତୁ।

# ଜୀବନ ପ୍ରତି ବିପଦ ବ୍ଲଡ ସୁଗାରର୍ ଏହି ସ୍ତର: ଜାଣନ୍ତୁ ନିଜକୁ ବଂଚାଇବାର୍ ଉପାୟ

ଆଜିକାଲି ଡାଇବେଟିସ୍ ବା ମଧୁମେହ ରୋଗକୁ ସାଧାରଣ ରୋଗ ଭାବରେ ବିବେଚନା କରାଯାଏ । ବୟସ୍କ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେବେ ଶରୀରରେ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା କମ ବେଶି କାରଣରୁ ଜଣେ ବ୍ୟକ୍ତି ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥାଏ । ଯାହାଫଳରେ ଏହାକୁ ନିୟନ୍ତ୍ରଣରେ ରଖିବା ରୋଗୀ ପାଇଁ ନିତ୍ୟାନ୍ତ ଜରୁରୀ ହୋଇଥାଏ । ନେଚେତ୍ ଏହି ବ୍ଲଡ ସୁଗାରର ସ୍ତର କମ୍ ବେଶି କାରଣରୁ ରୋଗୀର ଜୀବନ ମଧ ଯାଇପାରେ । ତେବେ ଆମେ ଆଜି ଆପଣଙ୍କୁ କହିବୁ ଶରୀରରେ ବ୍ଲଡ ସୁଗାରର




କେଉଁ ସ୍ତର ଆପଣଙ୍କ ଜୀବନ ପ୍ରତି ବିପଦ ଆଣିପାରେ । ଯାହାଫଳରେ ଜଣେ ରୋଗୀର ମୃତ୍ୟୁ ମଧ ହେବାରେ ସମ୍ଭାବନା ଥାଏ ।

ବ୍ଲଡସୁଗାର ଏହି ସ୍ତର ଜୀବନ ପ୍ରତି ଆଣିପାରେ ବିପଦ: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶରୀରରେ ବାରମ୍ବାର ବ୍ଲଡସୁଗାରର ସ୍ତର ପରିବର୍ତ୍ତନ ଜଣେ ମଧୁମେହ ରୋଗିର ଜୀବନ ପ୍ରତି ବିପଦ ସୃଷ୍ଟି କରେ । ତେବେ ଶରୀରରେ ଯଦି ବ୍ଲଡସୁଗାରର ସ୍ତର ୧୨୫ mg/ DL ଠାରୁ ଅଧିକ ରୁହେ ତେବେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ଫଳରେ ଜଣେ ରୋଗୀର ଜୀବନ ଯିବାର ମଧ ଭୟ ଥାଏ । କାରଣ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା ବଢିବା ଦ୍ୱାରା ଏହା ଶରୀରରେ ଇନସୁଲିନ୍‌କୁ କମାଇ ଦିଏ । ଫଳରେ ଚିନ୍ତା ବଢିବା ସହ, ହରମୋନାଲ ଚେଞ୍ଜ ଏବଂ ନିଦରେ ଅଭାବ ହୋଇଥାଏ । ଯାହାକି ଜଣେ ଡାଇବେଟିସ ରୋଗୀ ପାଇଁ ବିପଜ୍ଜନକ ହୋଇଥାଏ ।

ସେହିପରି ଯଦି ରକ୍ତରେ ଗ୍ଲୁକୋଜର ସ୍ତର କମିଯାଏ ଏହା ମଧ ଜଣେ ରୋଗୀପାଇଁ କ୍ଷତିକାରକ ହୋଇଥାଏ । ଫଳରେ ରୋଗୀଠାରେ ଚିଡିଚିଡାପଣ, କହିବାରେ ଅସୁବିଧା, ମୁଣ୍ଡ ବୁଲାଇଦେବା ପରି ଲକ୍ଷଣ ଦେଖା ଦେଇଥାଏ । ଯାହାକି ଜଣେ ରୋଗୀକୁ ବିପଦରେ ପକାଇଥାଏ । ତେଣୁ ଶରୀରେର ବ୍ଲଡ ସୁଗାରର ସ୍ତର ୪୦ mg/ DLରୁ କମ୍ ରହିବା ଅନୁଚିତ୍।

**କିପରି ବର୍ତ୍ତିବେ:**

୧-ଶରୀରରେ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଜର ଡେଲି ରୁଟିନ୍ ଏବଂ ଖାଦ୍ୟ ପେୟ ଉପରେ ଧ୍ୟାନ ଦିଅନ୍ତୁ । ଏପରି ଖାଦ୍ୟ ସେବନ କରନ୍ତୁ ଯେଉଁଥିରେ କାର୍ବୋହାଇଡ୍ରେଡର ସ୍ତର କେତେ ମାତ୍ରାରେ ରହିଛି ତାହା ଆପଣଙ୍କୁ ଜଣାଥିବ ।

୨- ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସେବନ କରନ୍ତୁ ।

୩- ଯଥେଷ୍ଟ ପରିମାଣର ଶୁଅନ୍ତୁ । କାରଣ ଶୋଇବା ଦ୍ୱାରା ଶରୀର ସୁସ୍ଥ ରୁହେ ଏବଂ ରକ୍ତରେ ଇନସୁଲିନ୍ ସ୍ତର ମଧ ନିୟନ୍ତ୍ରଣରେ ରୁହେ ।

# ଗର୍ଭରେ କ'ଣ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ? ଜାଣନ୍ତୁ ଜନ୍ମ ସହ ଜଡ଼ିତ ଏହି ରହସ୍ୟ

*ସଂସାରରେ ଜନ୍ମ ନେଉଛ ମାନେ ମୃତ୍ୟୁ ସୁନିଶ୍ଚିତ । ଏହା ଜୀବନର ଏକ ଅପ୍ରିୟ ସତ୍ୟ । ମୃତ୍ୟୁ ପରେ ମଣିଷର କର୍ମ ସ୍ଥିର କରିଥାଏ କି ତାଙ୍କୁ ସ୍ୱର୍ଗ ପ୍ରପ୍ତି ହେବ ନା ନର୍କ ଭୋଗିବାକୁ ପଡ଼ିବ । ଜନ୍ମ ପରେ ମଣିଷ ଜୀବନରେ ଅନେକ ଭଲ ଓ ଖରାପ ଘଟଣଶ ଘଟିଥାଏ । ଭଲ ଘଟଣା ଯୋଗୁଁ ମଣିଷ ନିଜ ଭାଗ୍ୟକୁ ପ୍ରଶଂସା କରେ ତ' ଖରାପ ଘଟଣା ପାଇଁ ନିଜ ଭାଗ୍ୟକୁ ନିନ୍ଦା କରେ । ଏବେ ଏପରି ପ୍ରଶ୍ନ ମନକୁ ଆସେ କି, ମଣିଷର ଜନ୍ମ ପୂର୍ବରୁ ଭାଗ୍ୟର ହିସାବ-କିତାବ ସ୍ଥିର ହୁଏ ନା ଜନ୍ମ ପରେ ନିର୍ଦ୍ଧାରିତ ହୁଏ । ଜାଣନ୍ତୁ ଏହାର ଉତ୍ତର...*

**କେବେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ?**

ପଣ୍ଡିତ ଇନ୍ଦ୍ରମଣି ଘନଶ୍ୟାଲ କହିଛନ୍ତି ଯେ, ଜୀବନର ସଙ୍କଟକୁ ଦୂର କରିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଶହ ଶହ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି । ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ, ଯେକୌଣସି ମଣିଷର ଭାଗ୍ୟର ୫ଟି ଜିନିଷ ମା' ଗର୍ଭରେ ସ୍ଥିର ହୋଇଯାଏ । ଏହାକୁ କେହି ବଦଳାଇପାରିବେ ନାହିଁ ।

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, 'ବୟସ, କର୍ମ, ଧନ-ସମ୍ପତ୍ତି, ଶିକ୍ଷା ଏବଂ ମୃତ୍ୟୁ' ଏହି ୫ଟି ଜିନିଷ ମାତ୍ର ଗର୍ଭରେ ଥିବା ସମୟରେ ତାଙ୍କ ଭାଗ୍ୟରେ ଲେଖା ଯାଇଥାଏ । ଜୀବନସାରା ଏହାକୁ କେହି ବଦଳାଇ ପାରିବେ ନାହିଁ । ଯାହାରେ ଯେତେ ବୟସ ଥିବ, ସେ ସେତିକି ବର୍ଷ ହିଁ ବଞ୍ଚିବ ।

**ମନୁଷ୍ୟର ଲକ୍ଷ୍ୟ କ'ଣ ?**

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଜ ଜୀବନରେ ଧର୍ମର ମାର୍ଗ ଅନୁସରଣ କରି ଜ୍ଞାନ ଏବଂ ଧନ ଅର୍ଜନ କରିବା ଉଚିତ । ଯାହା ଫଳରେ ସମାଜରେ ସେହି ବ୍ୟକ୍ତିର ସମ୍ମାନ ରହିବ । ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ଜନ୍ମ ପରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଏହି ୪ଟି ଜିନିଷ ହାସଲ କରିବା ଉଚିତ୍ । ଧର୍ମର କାମ କରି ବ୍ୟକ୍ତିଙ୍କୁ



ଧନ-ସମ୍ପତ୍ତି ପ୍ରାପ୍ତ କରିବା ଉଚିତ୍ । ଏହା ପରେ ବିବାହ କରି ନିଜର ଗୃହସ୍ଥ ଜୀବନ ଆରମ୍ଭ କରିବା ଉଚିତ୍ । ଶେଷରେ ମୋକ୍ଷ ପାଇବା ପାଇଁ ଭଗବାନଙ୍କୁ ସ୍ମରଣ ଓ ଭଲ କାମ କରିବା ଉଚିତ୍ । ଏହିପରି ଭାବେ କୌଣସି ମଣିଷର ଭାଗ୍ୟ ତାଙ୍କ ଜନ୍ମ ପୂର୍ବରୁ ହିଁ ସ୍ଥିର ହୋଇଥାଏ ।

## ଅତ୍ୟଧିକ ଚା' ଓ ଦାନ୍ତ କ୍ଷୟ

ମନକୁ ଟିକେ ହାଲକା କରିବା ପାଇଁ ଅମେ ଚା' କିମ୍ବା କଫି ପିଇଥାଉ । କିନ୍ତୁ ଏହା ଯଦି ଅଭ୍ୟାସରେ ପରିଣତ ହୁଏ ଏବଂ ଜଣେ ବ୍ୟକ୍ତି ଦିନକୁ ଅଧିକ ଥର ଚା' ପିଅନ୍ତି ତେବେ ତାହାର ପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ । ଆବଶ୍ୟକତାଠାରୁ ପ୍ରତିଦିନ ଅଧିକ ଥର ଚା' ପିଇଲେ ଦାନ୍ତ କ୍ଷୟ ହେବା ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ବୈଜ୍ଞାନିକମାନେ । ପ୍ରତିଦିନ ଅତିକମ୍‌ରେ ୧୦/୧୨ଥର ଚା'ପିଇଲେ ତାହାର ପ୍ରଭାବ କେବଳ ଦାନ୍ତ ନୁହେଁ ଅସ୍ଥି ଉପରେ ମଧ୍ୟ ପଡ଼ିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



# ଏହି ସବୁ ଖାଦ୍ୟ ଦୈନିକ ଖାଆନ୍ତୁ ନାହିଁ: ଅନେକ ଅସୁବିଧାର ହୋଇପାରନ୍ତି ସମ୍ମୁଖୀନ

**ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି'ର ଖୁବ୍ ଆବଶ୍ୟକତା ରହିଛି । କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ । ସେହି ସବୁ ଖାଦ୍ୟ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି ।**

ନମ୍କିନ୍ (ଖଟାମିଠା), ଚିପ୍ସ୍ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ। ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ। ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ। ପ୍ୟାକେଟରେ ଆସୁଥିବା ତିଆରି ହୋଇଥିବା ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ। ଏହା ଶରୀରରେ କ୍ୟାଲସିୟମ୍‌ର ମାତ୍ରା କମ୍ କରିଥାଏ। ଏହା ଯୋଗୁ ହାଡ଼ ଦୁର୍ବଳ ହୋଇଥାଏ। ବର୍ଗର, ପିଜା, ପାସ୍ତା ଆଦି ଜଙ୍କ୍ ଫୁଡ୍‌ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ। ଏହା ମଧ ଶରୀରରେ କ୍ୟାଲ୍ସିୟମ୍‌ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଖାଦ୍ୟ ନିରାପତ୍ତାର ଶ୍ରେୟ...

'ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ' ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ିଶା ସରକାରଙ୍କୁ ପୁଣି ଥରେ ପ୍ରଶଂସା କରିଛନ୍ତି। ଏହାପୂର୍ବରୁ ମଧ୍ୟ ଅନେକ ଥର ଓଡ଼ିଶାର ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ଓ ସଫଳ ପରିଚାଳନା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ' ମୁଖ୍ୟାଳୟରେ ୨୦୨୨ ମସିହାରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ରାଜ୍ୟରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମର ପରିଚାଳନା ବିଷୟରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଏଥିପାଇଁ ଓଡ଼ିଶା ସରକାରଙ୍କୁ ଜାତିସଂଘ ସ୍ତରରେ ସମ୍ମାନିତ ମଧ୍ୟ କରାଯାଇଥିଲା। ବିଶ୍ୱରେ ଦାରିଦ୍ର୍ୟ ସହିତ ବୁଭୁକ୍ଷା ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏହି ପୃଷ୍ଠଭୂମିରେ ଖାଦ୍ୟ ନିରାପତ୍ତାରେ ଓଡ଼ିଶାର ସଫଳତା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏ ବିଷୟରେ ଆଲୋଚନା କଲା ବେଳେ ଅନେକ ପ୍ରସଙ୍ଗ ପରିସରକୁ ଆସିବ। ଭୋକର ଭୂଗୋଳ ଭାବେ ପରିଚିତ ଏକ ରାଜ୍ୟକୁ ଖାଦ୍ୟ ବଳକା ରାଜ୍ୟରେ ପରିଣତ କରିବା ଏବଂ ଖାଦ୍ୟ ନିରାପତ୍ତା ପାଇଁ ଆନ୍ତର୍ଜାତିକ ସ୍ତରରେ ପ୍ରଶଂସିତ ହେବା, ଅନ୍ୟ ରାଜ୍ୟ ଓ ଦେଶ ପାଇଁ ଅନୁକରଣୀୟ ହେବା ସହଜ କଥା ନୁହେଁ। ଏହା ପଛର ସଂଘର୍ଷ ଯେତିକି କଷ୍ଟକର ଅଭିଯାନ ସେତିକି ମହତ୍ତ୍ୱପୂର୍ଣ୍ଣ ଥିଲା। 'ସମସ୍ତେ ପେଟପୂରା ଖାଇବାକୁ ପାଆନ୍ତୁ', 'ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ ହେଉ', 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଏହି ଲକ୍ଷ୍ୟ ଓ ନୀତିକୁ ଆଧାର କରି ଚଳିତ ଶତାବ୍ଦୀର ପ୍ରଥମ ଦଶନ୍ଧିର ପ୍ରଥମ ଚରଣରେ ଖାଦ୍ୟ ନିରାପତ୍ତାର ଯେଉଁ ଅଙ୍କୁରୋଦ୍‌ଗମ ହୋଇଥିଲା, ତାହା ଆଜି ବିଶାଳ ବୃକ୍ଷର ରୂପ ନେଇ ଫଳ ପ୍ରଦାନ କରିଛି। ଆଗାମୀ ଦିନରେ ଏହି ବୃକ୍ଷର ଶାଖାପ୍ରଶାଖା ଆହୁରି ବୃଦ୍ଧି ପାଇବ, ଯାହାର ସ୍ୱାଦ ଉତ୍ତର ପିଢ଼ି ମଧ୍ୟ ଅନୁଭବ କରିପାରିବେ। ଖାଦ୍ୟ ନିରାପତ୍ତାର ମହତ୍ ଓ ସୁଦୂର ପ୍ରସାରୀ ଲକ୍ଷ୍ୟ ନେଇ ଗତ ସରକାର ଅମଳରେ ଜନକଲ୍ୟାଣ ସହିତ ଗରିବଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣର ଏକ ସମନ୍ୱିତ ଯୋଜନା ହାତକୁ ନିଆଯାଇଥିଲା। ଏହି ଆଧାରରେ ଆଦିବାସୀ ଅଧ୍ୟୁଷିତ ତଥା ଦୂରଦୂରାନ୍ତ ଅଞ୍ଚଳରେ ଗରିବ ଜନସାଧାରଣ ଏବଂ ଆଦିବାସୀ ବିଦ୍ୟାଳୟ ଓ ଛାତ୍ରାବାସମାନଙ୍କରେ ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆରୁ ପ୍ରସ୍ତୁତ ଲଡୁ ଓ ଅନ୍ୟାନ୍ୟ ପୁଷ୍ଟିକର ମିଷ୍ଟାନ୍ନ ମାଗଣାରେ ବଣ୍ଟନ କରିବା ସହିତ ୩୦ଟି ଯାକ ଜିଲ୍ଲାରେ ଭିଟାମିନଯୁକ୍ତ ଚାଉଳ ବଣ୍ଟନ କରାଯାଇଥିଲା। କିଶୋରୀ, ଶିଶୁ, ଗର୍ଭବତୀ, ପ୍ରସୂତିମାନଙ୍କ ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ପାଇଁ ଗତବର୍ଷ ସେପଟେମ୍ବର ମାସରେ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଓ ପଡ଼ା ପୁଷ୍ଟି କାର୍ଯ୍ୟକ୍ରମ' ଆରମ୍ଭ କରାଯାଇଥିଲା, ଯେଉଁଥିରେ ପୁଷ୍ଟିକର ଶୁଖିଲା ଖାଦ୍ୟ, ଛତୁଆ ଓ ଅଣ୍ଡା ବଣ୍ଟନ କରାଯାଇଥିଲା। ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଧାନ ସଂଗ୍ରହର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହିକ୍ରମରେ ଓଡ଼ିଶାର ୬୫୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ ସଂଗ୍ରହରେ ସାମିଲ କରାଯାଇଥିଲା। ଫଳରେ ଉଭୟ କୃଷି ଓ ମହିଳା ସଶକ୍ତୀକରଣରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ସଫଳତାର ସ୍ୱାକ୍ଷର କରିଥିଲା। ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତ ମାଧ୍ୟମରେ ପାଖାପାଖି ୭୦ ପ୍ରତିଶତ ଚାଉଳ ଆବଣ୍ଟନ କରାଯିବାର ସଫଳ ଉଦ୍ୟମ ମଧ୍ୟ ଆରମ୍ଭ ହୋଇଥିଲା। ଯେତେବେଳେ ଖାଦ୍ୟ ନିରାପତ୍ତା ଯୋଜନାର ସଫଳତା କଥା ଉଲ୍ଲେଖ କରାଯାଉଛି ସେଠାରେ 'ମିଲେଟ୍ ମିଶନ୍'ର ଅବଦାନକୁ ଅସ୍ୱୀକାର କରିହେବ ନାହିଁ। ପୁଷ୍ଟିକର କୃଷିର ଏହି ନିରବ ବିପ୍ଳବ ଓଡ଼ିଶାର ଆଦିବାସୀ ଓ ଗ୍ରାମାଞ୍ଚଳ ପାଇଁ ପୌଷ୍ଟିକ ଖାଦ୍ୟ, କୃଷି ଆୟ ବୃଦ୍ଧି ଏବଂ ଖାଦ୍ୟାନ୍ନ ବିବିଧତାର ଅକ୍ଷୟ ଭଣ୍ଡାରର ସୁଯୋଗ ସୃଷ୍ଟି କରିଥିଲା, ଯାହାର ସୁଫଳ ଏବେ ବିଶ୍ୱବାସୀ ଦେଖୁଛନ୍ତି। ଓଡ଼ିଶାର 'ମିଲେଟ୍ ମିଶନ୍'କୁ ନିତି ଆୟୋଗ ଓ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହିତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ମିଳିଛି। ଅନ୍ୟ ରାଜ୍ୟମାନେ ଓଡ଼ିଶାର ଏହି ଯୁଗାନ୍ତକାରୀ ଅଭିଯାନକୁ ମଡେଲ ଭାବେ ଗ୍ରହଣ କରୁଛନ୍ତି। ପ୍ୟାରିସ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ଖାଦ୍ୟ ଉତ୍ପାଦନ ପ୍ରଦର୍ଶନୀ 'ସିଆଲ୍ ୨୦୨୨'ରେ ଓଡ଼ିଶାର ମିଲେଟ୍ ସାମିଲ ହୋଇପାରିଛି। ଅନ୍ତର୍ଜାତୀୟ ସ୍ତରରେ ସବୁଜ ବିପ୍ଳବ କାର୍ଯ୍ୟକ୍ରମ ଜରିଆରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ମଧ୍ୟ 'ଓଡ଼ିଶା ମିଲେଟ୍ ମିଶନ୍'ର ଭାଗିଦାରୀ ହୋଇଛି। ୨୦୧୭ରୁ ଆରମ୍ଭ ହୋଇଥିବା ଓଡ଼ିଶାର 'ମିଲେଟ୍ ମିଶନ୍' ଏବେ ୩୦ଟି ଜିଲ୍ଲାର ୧୭୭ ବ୍ଲକରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ୨୦୨୨-୨୩ ଖରିଫ୍ ଋତୁ ସୁଦ୍ଧା ୭୪ ହଜାର ୮ ଶହ ୨୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଥିବା ବେଳେ ପ୍ରାୟ ୧ ଲକ୍ଷ ୫୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ସାମିଲ ହୋଇଛନ୍ତି। ମିଲେଟ୍ ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ୟୁନିଟ୍ ସ୍ଥାପନର ବିକେନ୍ଦ୍ରୀକରଣ କରାଯିବା ସହିତ ଚାଷୀମାନେ ଯେପରି ଉଚିତ୍ ବଜାର ମୂଲ୍ୟ ପାଇପାରିବେ ସେଥିପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ଏଥିସହିତ ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଣ୍ଡିଆକୁ ସାମିଲ କରାଯାଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ମାଣ୍ଡିଆରୁ ୩୦ରୁ ଊର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଏହାର ବିକ୍ରୟ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରାଯାଉଛି।

# ଯୁଦ୍ଧ ପ୍ରଭାବିତ ଦେଶରେ ଭାରତର ଶାନ୍ତି ବାର୍ତ୍ତା



**ଡକ୍ଟର ଲକ୍ଷ୍ମଣ ସାହୁ**

ଚୀନ୍ ଉପରେ ଚାପ ବଢାଇବା ପାଇଁ ଭାରତ ରୁଷ ସହିତ ଦୃଢ଼ ସମ୍ପର୍କରେ ରହିବା ଆବଶ୍ୟକ ରହିଛି । ଚୀନ୍ ଓ ରୁଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ସତ୍ତ୍ୱେ ଭାରତ ବୁଝିବା ଆବଶ୍ୟକ ଯେ ଏହି ଦୁଇ ଦେଶ ଆନୁଷ୍ଠାନିକ ସହଯୋଗୀ ନୁହଁନ୍ତି । ବରଂ ଐତିହାସିକ ଭାବରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇଆସୁଛନ୍ତି । ରୁଷରେ ଚାଇନାର କମ୍ପାନୀଗୁଡ଼ିକର ପ୍ରଭାବକୁ ନେଇ ରୁଷ ବ୍ୟବସାୟୀମାନେ ଭୟଭୀତ ଅଛନ୍ତି । ବାସ୍ତବରେ ମସ୍କୋ ଓ ବେଜିଂ ମଧ୍ୟରେ ସମ୍ପର୍କ ଆମେରିକାର ହେମୋନିୟମକୁ ଚ୍ୟାଲେଞ୍ଜ କରିବାର ଇଚ୍ଛା ଦ୍ୱାରା ପରିଚାଳିତ । ପୁଟିନ ଓ ଜିନପିଙ୍ଗ ଦୀର୍ଘ ସମୟ ଧରି କ୍ଷମତାରେ ଅଛନ୍ତି ।

ଭାରତ ଓ ରୁଷ ମଧ୍ୟରେ କୂଟନୈତିକ ଓ ସାମରିକ ସମ୍ପର୍କରେ ପ୍ରତିବଦ୍ଧତାର ଏକ ସୁବର୍ଣ୍ଣ ଇତିହାସ ଅଛି । ଭାରତର ପ୍ରଧାନମନ୍ତ୍ରୀଙ୍କ ୟୁକ୍ରେନ ଗସ୍ତ, ରୁଷର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ, ଆପୋଷ ଆଲୋଚନା ସମ୍ଭାବନା ସହିତ ଜଡିତ ଥିବାବେଳେ, ସେପଟରେ ପାଲେଷ୍ଟାଇନ- ଇସ୍ରାଏଲ୍ ବିବାଦରେ ଭାରତର କୂଟନୈତିକ ପଦକ୍ଷେପ ମଧ୍ୟ ଗୋଟିଏ ପାଦ ଆଗରେ ଥିବା ଜଣାପଡିଛି। ବାସ୍ତବରେ, ରୁଷ-ୟୁକ୍ରେନ ବିବାଦ ଓ ପଶ୍ଚିମ ଏସିଆ ସମ୍ବନ୍ଧରେ ଭାରତୀୟ ବୈଦେଶିକ ନୀତିର ପରିବର୍ତ୍ତିତ ଆଭିମୁଖ୍ୟ ଭାରତୀୟ ସ୍ୱାର୍ଥ ପାଇଁ ସୁଦୂରପ୍ରସାରୀ ପରିଣାମ ଆଣିପାରେ ।

ସେ ରୁଷକୁ କଡ଼ା ସମାଲୋଚନା କରିବାକୁ ପଛଘୁଞ୍ଚା ଦେଇ ନଥିଲେ ଏବଂ ଭବିଷ୍ୟତରେ ବିଶ୍ୱ ଫୋରମରେ ଭାରତ ରୁଷକୁ ବିରୋଧ କରିବେ ବୋଲି ଆଶା କରିଥିଲେ । ଏଥି ସହ ପ୍ରଧାନମନ୍ତ୍ରୀ ମୋଦୀ ରୁଷ ଓ ୟୁକ୍ରେନ ମଧ୍ୟରେ ଥିବା ସମସ୍ୟାର ଓ କୂଟନୀତି ମାଧ୍ୟମରେ ସମାଧାନ କରିବାର ଆବଶ୍ୟକତା ପ୍ରକାଶ କରିଛନ୍ତି । ସ୍ୱକୀୟ ଅଭିଭାଷଣରେ ଶାନ୍ତି ପାଇଁ ପ୍ରତ୍ୟେକ ପ୍ରୟାସରେ ଭାରତ ସକ୍ରିୟ ଭୂମିକା ଗ୍ରହଣ କରିବ ବୋଲି ଆଶ୍ୱାସନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ୟୁକ୍ରେନ ଗସ୍ତ ଉପରେ ୟୁରୋପ ଏବଂ ଆମେରିକା ମଧ୍ୟ ନଜର ରଖିଥିଲେ । ତାଙ୍କର ରୁଷ ଗସ୍ତକୁ ୟୁରୋପ ଓ ଆମେରିକାରେ ସନ୍ଦେହରେ ଦେଖା ଯାଇଥିଲା । ତେଣୁ ତାଙ୍କର ୟୁକ୍ରେନ ଗସ୍ତକୁ ସମସ୍ୟା ସମାଧାନର କୂଟନୀତି ବୋଲି ବର୍ଣ୍ଣନା କରାଯାଇଥିଲା ।

କହିବାକୁ ଗଲେ ରୁଷ ଆମର ପୁରୁଣା ବନ୍ଧୁ ଓ ବଡ ସହଯୋଗୀ ଭାବରେ ଠିଆ ହୋଇଆସିଛି, ଏହା ମଧ୍ୟ ଏସିଆର ସବୁଠାରୁ ବଡ ଖେଳାଳି । ଆମର ଶତ୍ରୁ ଚୀନ୍‌ର ସୀମା ରୁଷକୁ ସ୍ପର୍ଶ କରେ । ରୁଷ ମଧ୍ୟ ପାକିସ୍ତାନର ସୀମାଠାରୁ କିଛି ଦୂରରେ ନୁହେଁ । ଏଭଳି ପରିସ୍ଥିତିରେ ରୁଷ ସହିତ ଭାରତର ବନ୍ଧୁତାକୁ ବୈଦେଶିକ ସମ୍ପର୍କ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଛି । ଚୀନ୍ ଉପରେ ଚାପ ବଢାଇବା ପାଇଁ ଭାରତ- ରୁଷ ସମ୍ପର୍କ ଆବଶ୍ୟକ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଦେଖିବାକୁ ଗଲେ ପରିସ୍ଥିତି ବଦଳିଛି । ରୁଷ ଗତ ଦୁଇ ବର୍ଷ ଧରି ୟୁକ୍ରେନ ସହିତ ଯୁଦ୍ଧ କରିଆସୁଛି । ଏହି ସମୟରେ ଚାଇନା ରୁଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବରେ ଉଭା ହୋଇଛି । ଚୀନ୍ ଓ ରୁଷର ବଢୁଥିବା ଯୋଗଦାନ ଆମେରିକା ସହିତ ସେମାନଙ୍କର ରଣନୀତିକ ପ୍ରତିଦ୍ୱନ୍ଦ୍ୱିତା ଦ୍ୱାରା ପରିଚାଳିତ । ଚୀନ୍ ଓ ଭାରତ ମଧ୍ୟରେ ବିଶେଷ କରି ସୀମାରେ ଅଧିକ ମାତ୍ରାରେ ଉତ୍ତେଜନା ଦେଖାଦେଇଛି । ଚୀନ୍ କ୍ରମାଗତ ଭାବରେ ଆନ୍ତର୍ଜାତୀୟ ସୀମା ରେଖା ଉଲ୍ଲଂଘନ କରୁଛି ।

ଚୀନ୍ ଉପରେ ଚାପ ବଢାଇବା ପାଇଁ ଭାରତ ରୁଷ ସହିତ ଦୃଢ଼ ସମ୍ପର୍କରେ ରହିବା ଆବଶ୍ୟକ ରହିଛି । ଚୀନ୍ ଓ ରୁଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ସତ୍ତ୍ୱେ ଭାରତ ବୁଝିବା ଆବଶ୍ୟକ ଯେ ଏହି ଦୁଇ ଦେଶ ଆନୁଷ୍ଠାନିକ ସହଯୋଗୀ ନୁହଁନ୍ତି । ବରଂ ଐତିହାସିକ ଭାବରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇଆସୁଛନ୍ତି । ରୁଷରେ ଚାଇନାର କମ୍ପାନୀଗୁଡ଼ିକର ପ୍ରଭାବକୁ ନେଇ ରୁଷ ବ୍ୟବସାୟୀମାନେ ଭୟଭୀତ ଅଛନ୍ତି । ବାସ୍ତବରେ ମସ୍କୋ ଓ ବେଜିଂ ମଧ୍ୟରେ ସମ୍ପର୍କ ଆମେରିକାର ହେମୋନିୟମକୁ ଚ୍ୟାଲେଞ୍ଜ କରିବାର ଇଚ୍ଛା ଦ୍ୱାରା ପରିଚାଳିତ । ପୁଟିନ ଓ ଜିନପିଙ୍ଗ ଦୀର୍ଘ ସମୟ ଧରି କ୍ଷମତାରେ ଅଛନ୍ତି । ଏହି ପରିସ୍ଥିତି ବଦଳିବା ମାତ୍ରେ ଆମେରିକା ସହିତ ସମ୍ପର୍କର ପରିସ୍ଥିତି ବଦଳିପାରେ ।

ଆମେରିକା ଏସିଆ, ଆଫ୍ରିକା ଓ ୟୁରୋପରେ ଶକ୍ତି ସନ୍ତୁଳନ ବଜାୟ ରଖିବାକୁ ଚାହୁଁଛି । ଗତ ଦେଢ ଦଶନ୍ଧି ମଧ୍ୟରେ ଆମେରିକା ଏହାର ଏସିଆ କେନ୍ଦ୍ରିକ ବୈଦେଶିକ ନୀତିକୁ ମଜବୁତ କରିଛି ଓ ଭାରତ ଏହାର ଆଶା ତଥା ରଣନୀତିର ମୁଖ୍ୟ କେନ୍ଦ୍ର ଅଟେ । ଓବାମା ଓ ଟ୍ରମ୍ପଙ୍କ ପରେ ବିଡେନ ମଧ୍ୟ ଏହାକୁ ଭଲ ଭାବରେ ବୁଝିଛନ୍ତି ।

ଆମେରିକାର ବିଶ୍ୱର ପ୍ରଭାବକୁ ବଜାୟ ରଖିବା ପାଇଁ ଚୀନ୍, ରୁଷ ଓ ଇରାନ ଭଳି ଦେଶର ପ୍ରଭାବକୁ କିଛି ମୂଲ୍ୟରେ ସୀମିତ ରଖିବାକୁ ପଡିବ । ସେଥିପାଇଁ ସେମାନେ ଚେକ୍ ଓ ସନ୍ତୁଳନ ରକ୍ଷା ଉପରେ ଆଧାର କରି ନୂତନ ସହଭାଗିତା ଅନୁସରଣ କରୁଛନ୍ତି । ଯାହା ଦ୍ୱାରା ଆମେରିକାର ସାମରିକ ତଥା ରାଜନୈତିକ ସ୍ୱାର୍ଥ ସୁରକ୍ଷିତ ହୋଇପାରିବ । ବର୍ତ୍ତମାନ କେବଳ ଭାରତ ଓ ଆମେରିକା ମଧ୍ୟରେ ସାମରିକ ସହଯୋଗ ମଜବୁତ ହେଉନାହିଁ । ବରଂ ଉଭୟ ଦେଶ ମଧ୍ୟ ପ୍ରତିରକ୍ଷା ଓ ଉଦ୍ୟୋଗିକ ସହଯୋଗର ଫର୍ମାଟରେ ଅଗ୍ରଗତି କରୁଛନ୍ତି । ନିକଟରେ ଭାରତ ଓ ଆମେରିକା ଉଭୟ ଏକ ନୂତନ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତିନାମା ଉଭୟ ଦେଶକୁ ପ୍ରତିରକ୍ଷା ଉପକରଣ ଓ ଅତିରିକ୍ତ ଅଂଶ ଯୋଗାଣରେ ପରସ୍ପରର ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବ । ପୂର୍ବରୁ ଭାରତ ଏବଂ ରୁଷ ମଧ୍ୟରେ ଏଭଳି ଚୁକ୍ତିନାମା କରାଯାଇଥିଲା।

ଚୀନ୍ ପ୍ରଭାବର ବିଶ୍ୱର ବିପଦକୁ ମୁକାବିଲା କରିବା ପାଇଁ ଆମେରିକା ଭାରତ-ପ୍ରଶାନ୍ତ ମହାସାଗରରେ ସମ୍ଭାବନା ଅନୁସନ୍ଧାନ କରୁଛି । ଏହି ଅଞ୍ଚଳରେ ଚାଇନାକୁ ଘେରି ରହି ଏହାର ଅର୍ଥନୈତିକ ଏବଂ ରଣନୀତିକ କ୍ଷମତାକୁ ଦୁର୍ବଳ କରିବାକୁ ଚାହୁଁଛି । ସେ ଅନୁଭବ କରୁଛନ୍ତି ଯେ ଚାଇନାକୁ ନିୟନ୍ତ୍ରଣ କରିବା ପାଇଁ ଏସିଆକୁ କୂଟନୈତିକ କେନ୍ଦ୍ରରେ ରଖିବାକୁ ପଡ଼ିବ । ରଣନୀତିକ ଭାଗିଦାରୀ ସହିତ ଆମେରିକା ଅର୍ଥନୈତିକ ଏବଂ ବାଣିଜ୍ୟ ନୀତି ଉପରେ ଆଗକୁ ବଢ଼ିବାକୁ ଚାହୁଁଛି । ସେଥିପାଇଁ କ୍ୱାଡ୍ ପରେ ଆମେରିକା ବର୍ତ୍ତମାନ 'ଇଣ୍ଡୋ-ପାସିଫିକ୍ ଇକୋନୋମିକ୍ ଫ୍ରେମୱାର୍କ'ର ରଣନୀତି ଉପରେ ଆଗକୁ ବଢ଼ିବାକୁ କହିଛି, ଯେଉଁଥିରେ ବାଣିଜ୍ୟ ସୁବିଧା ସହିତ ପାରସ୍ପରିକ ସହଯୋଗ ବୃଦ୍ଧି କରିବାକୁ ପଡିବ ।

ଏବେ ଚାଇନାକୁ ରୋକିବା ପାଇଁ କ୍ୱାଡ୍ ଏକ ଶକ୍ତିଶାଳୀ ରଣନୀତିକ ଭାଗିଦାରୀ ଭାବରେ ଉଭା ହୋଇଛି । ଚତୁର୍ଦ୍ଦଶକୁ ନେଇ ଚୀନ୍ କଠୋର ହୋଇଛି ଏବଂ ଏହାକୁ ଏସୀୟ 'ନାଟୋ' ବୋଲି କହିଛି । କ୍ୱାଡକୁ ରୁଷ ମଧ୍ୟ ସମାଲୋଚନା କରିଥିଲା, କିନ୍ତୁ ଏହା ଯେ ଭାରତର ରଣନୀତିକ ଆହ୍ୱାନ ବୋଲି ଜାଣିଛି । ସମସ୍ତ ପ୍ରତିବାଦ ସତ୍ତ୍ୱେ ଭାରତ ଓ ଆମେରିକା ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କକୁ ନେଇ ରୁଷ ଭୟଭୀତ ହୋଇ ନାହିଁ । ଅପରପକ୍ଷରେ ଏଥିରେ ଭାରତର ଅଂଶଗ୍ରହଣ କ୍ରମାଗତ ଭାବେ ବୃଦ୍ଧି ପାଇଛି । ଜାତିସଂଘ, ଜି -୨୦, ବ୍ରିକ୍ସ ଏବଂ ଏସସିଓ ଭଳି ବହୁପକ୍ଷୀୟ ଫୋରାରେ ଭାରତ ଏବଂ ରୁଷ ଘନିଷ୍ଠ ଭାବରେ ସହଯୋଗ କରନ୍ତି । ସାଢ଼େ ସାତ ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ ଏବଂ ସ୍ଥିର ରହିଛି ।

୧୯୯୦ ମସିହାରେ ଭାରତ ଓ ୟୁକ୍ରେନ ମଧ୍ୟରେ ଉତ୍ତମ ସମ୍ପର୍କ ଗଠନ ହୋଇଥିଲା । ୧୯୯୮ ରେ 'ଅପରେସନ୍ ଶକ୍ତି' ଅଧୀନରେ ଭାରତ ଆଣବିକ ପରୀକ୍ଷଣ କରିଥିଲା । ଯେତେବେଳେ ୟୁକ୍ରେନ, ବିଶ୍ୱ -୨୦ ର ପଚିଶ ଦେଶ ଏହାକୁ ବିରୋଧ କରିଥିଲେ । ପାକିସ୍ତାନ ସହ ସମ୍ପର୍କକୁ ନେଇ ରୁଷ ସତର୍କତା ଅବଲମ୍ବନ କରିଥିବାବେଳେ ୟୁକ୍ରେନ ପାକିସ୍ତାନକୁ ବହୁ ସଂଖ୍ୟକ ଅସ୍ତ୍ର ଯୋଗାଉଛି। ବିଶ୍ୱ ଫୋରମରେ କାଶ୍ମୀର ଉପରେ ପାକିସ୍ତାନର ମତକୁ ୟୁକ୍ରେନ ମଧ୍ୟ ଅନେକ ଥର ସମର୍ଥନ କରିଛି । ତେଣୁ ବିଚାର ଦୃଷ୍ଟିରୁ ରୁଷ ଏବଂ ଆମେରିକା ଭାରତର ବୈଦେଶିକ କୂଟନୈତିକ ସନ୍ତୁଳନରେ ଅଛନ୍ତି ।

ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ବହୁପକ୍ଷୀୟ ସମ୍ପର୍କ ବୃଦ୍ଧି ପାଇଁ ଭାରତର ପ୍ରୟାସ ପାରସ୍ପରିକ ସମ୍ପର୍କରେ ଜଟିଳତା ସୃଷ୍ଟି କରିପାରେ । ଏଥି ସହିତ ପଶ୍ଚିମ ଏସିଆରେ ଭାରତର ଅର୍ଥନୈତିକ ଏବଂ ରଣନୀତିକ ସ୍ୱାର୍ଥ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଇସ୍ରାଏଲ ଭାରତର ଏକ ସାମରିକ ଅଂଶୀଦାର ହୋଇଥିବାବେଳେ ଅନ୍ୟ ଗଲ୍ଫ ଦେଶଗୁଡ଼ିକ ଭାରତର ଆର୍ଥିକ ଆବଶ୍ୟକତା ପାଇଁ ଅପରିହାର୍ଯ୍ୟ । ରୁଷ-ୟୁକ୍ରେନ ବିବାଦ ଏବଂ ଇସ୍ରାଏଲ-ପାଲେଷ୍ଟାଇନ ବିବାଦ ମହାଶକ୍ତି ମଧ୍ୟରେ ତୀବ୍ର ରଣନୀତିକ ପ୍ରତିଦ୍ୱନ୍ଦ୍ୱିତା ଦ୍ୱାରା ପରିଚାଳିତ । ଏଭଳି ପରିସ୍ଥିତିରେ ଭାରତର ଜାତୀୟ ସ୍ୱାର୍ଥ ଅନୁଯାୟୀ ସନ୍ତୁଳିତ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଆଧାର କରି ରଣନୀତି ଜାରି ରଖିବା ଭାରତ ପାଇଁ ଭଲ ହେବ । ଏହି ଜଟିଳ ବିଶ୍ୱ ପରିସ୍ଥିତିରେ ଭାରତ ଏହାର ରଣନୀତିକ ଏବଂ ଅର୍ଥନୈତିକ ପ୍ରାଥମିକତାକୁ ଧ୍ୟାନରେ ରଖି ସ୍ଥିରତା ହାସଲ କରିବାରେ ଯଥେଷ୍ଟ ଆବଶ୍ୟକ ରହିଛି ।

ତେଣୁ ସଂକ୍ଷେପରେ କୁହାଯାଇପାରେ ବନ୍ଧୁମାନଙ୍କ ଉପରେ ବିଶ୍ୱାସ ବଜାୟ ରଖିବାର ଆବଶ୍ୟକତା ଅଛି ...!!!


ତାରା ନିଳୟ, ପ୍ଲଟ: ୮୫୪/ଏ
ଚାଟେରା ଶବରସାହି, ମୁକୁନ୍ଦ
ପ୍ରସାଦ, ଖୋର୍ଦ୍ଧା -୫୫
ମୋ: ୯୦୪୦ ୧୫୧୪୭୫


# ବିଶ୍ୱ ଅଲିମ୍ପିକ୍ସ: ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମାତ୍ର ୧୬ଜଣ ଓଡ଼ିଶାର ଭାଗ ନେଇଛନ୍ତି



**ସୁବ୍ରତ କର**

ବିଶ୍ୱ ଗ୍ରୀଷ୍ମକାଳୀନ ଅଲମ୍ପିକ୍ସର ଇତିହାସ ୧୨୮ ବର୍ଷର । ପ୍ରଥମେ ଗ୍ରିସର ଅଲମ୍ପିଆରୁ ୧୮୯୬ ମସିହାରୁ ଏହି ଖେଳକୁଦ ସମାରୋହ ଆରମ୍ଭ ହୋଇଥିଲା । ୧୦୦ବର୍ଷ ପର୍ଯ୍ୟନ୍ତ ଆମ ରାଜ୍ୟରୁ କେହି ଭାଗିଦାର ନଥିଲେ । ୧୯୯୬ ମସିହା ଆଟଲାଣ୍ଟା ଅଲମ୍ପିକ୍ସରେ ଦିଲିପ ତିର୍କି ଭାରତୀୟ ହକି ଦଳରେ ସାମିଲ ହୋଇ ଖେଳିଥିଲେ । ପରବର୍ତ୍ତୀ ସମୟରେ ୨୦୦୦ ସିଡିନି ଏବଂ ୨୦୦୪ ଏଥେନ୍ସ ଅଲମ୍ପିକ୍ସରେ ମଧ୍ୟ ଖେଳିଥିଲେ ଏହି ଦିଲିପ ତିର୍କିଙ୍କ ରେକର୍ଡକୁ କେହି ପୁନରାବୃତ୍ତି କରିପାରି ନାହାନ୍ତି । ସିଡିନି ଅଲମ୍ପିକ୍ସରେ ଦିଲିପଙ୍କ ସହ ଲାଜରୁସ୍ ବାର୍ଲା ମଧ୍ୟ ଭାରତୀୟ ହକି ଦଳରେ ଜଣେ ସଦସ୍ୟ ଭାବରେ ଖେଳିଥିଲେ। ସେହି ବର୍ଷ ପାଇଁ ଭାରତୀୟ ଦୌଡ଼କୁଦ ଥିଲେ ଦଳରେ ରଚିତା ପଣ୍ଡା (ମିସ୍ତ୍ରୀ) ଏବଂ ଅନୁରାଧା ବିଶ୍ୱାଳ ଭାଗ ନେଇ ଆମ ରାଜ୍ୟ ପାଇଁ ନୂଆ ଇତିହାସ ରଚିଥିଲେ । ପୁଣି ୨୦୦୪ ମସିହାରେ ଏଥେନ୍ସ ଅଲମ୍ପିକ୍ସରେ ଦିଲିପଙ୍କ ସହ ଇଗ୍ନେସ ତିର୍କି ଏବଂ ୱିଲିୟମ ଖାଲୋକ ମଧ୍ୟ ସାମିଲ ହୋଇଥିଲେ । ଏହିଭଳି ୨୦୧୬ ରିଓ ଅଲମ୍ପିକ୍ସରେ ଓଡ଼ିଶା ପାଇଁ ଅଧିକ ସ୍ମରଣୀୟ ହୋଇ ରହିଛି। ସେହି ବର୍ଷ ଏକା କାଜିନ୍ ୬ ଜଣ ପ୍ରତିନିଧିତ୍ୱ କରିଥିଲେ ମହିଳା ହକି ଦଳରେ ଦୀପକଗ୍ରସ ଏକ୍କା, ନମିତା ଟପ୍, ସୁନୀତା ଲାକ୍ରା, ଲିଲିମା ମିଞ୍ଜ ସାମିଲ ହୋଇଥିଲେ । ସେହିଭଳି ଦୌଡ଼କୁଦରେ ଦୂତିଚାନ୍ଦ ଓ ଶ୍ରାବଣୀ ନନ୍ଦ ମଧ୍ୟ ଭାଗ ନେଇଥିଲେ। ୨୦୨୧ ଟୋକିଓ ଅଲମ୍ପିକ୍ସରେ ପ୍ରଥମ କରି ଭାରତୀୟ ହକି ଦଳ କାଠସ୍ୟ ପଦକ ହାସଲ କରିଥିଲେ । ଏହି ଦଳରୁ ଦୁଇ ଓଡ଼ିଆ ଖେଳାଳିକୁ ପଦକ ମିଳିଥିଲା ଏବଂ ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା ଏବଂ ଅମିତ ରୋହି ଦାସ। ଏମାନେ ପଦକ ଜିତିବାରେ ପ୍ରଥମ ଓଡ଼ିଆ ଖେଳାଳି । କିନ୍ତୁ ୨୦୨୪ ଶେରିସ ସହରରେ ହୋଇଥିବା ଓଡ଼ିଆ ଖେଳାଳି ୨ ଜଣ ଥିଲେ। ହକି ଦଳରେ ଅମିତ ରୋହି ଦାସ )କାଂସ ପଦକରେ ହକଦାର ହେଲେ ଏବଂ ଅନ୍ୟ ଜଣ ହେଲେ କିଶୋର ଜେନା ହାଭଲିନରେ।

ଏବେ ପ୍ରଶ୍ନ ଉଠୁଛି ଆମ ସରକାର ଖେଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ କେବଳ ଭୁବନେଶ୍ୱରରେ ୬ଟି ଫିଫା ମାନ୍ୟତା ବିଶ୍ୱସ୍ତରୀୟ ଫୁଟବଲ ପଡ଼ିଆ ସୃଷ୍ଟି ହୋଇଛି । ଇନଡୋର ଅଲମ୍ପିକ୍ସ ଷ୍ଟାଡିୟମ, ହକୀ ଖେଳ ପଡ଼ିଆ (ଭୁବନେଶ୍ୱର ଏବଂ ରାଉରକେଲା ଠାରେ ବିଶ୍ୱସ୍ତରୀୟ), ଶେଷରେ କ୍ରୀଡ଼ା, ବିଜ୍ଞାନକେନ୍ଦ୍ରୟ ଭୁବନେଶ୍ୱରଠାରେ ବାରମ୍ବାର ଆନ୍ତର୍ଜାତିକ ସ୍ତରରେ ହକି ଏବଂ ଫୁଟବଲ ଖେଳ ଲାଗି ରହିଛି ତଥାପି କାହିଁକି ଆମେ ପଛରେ? ବଡ଼ କଥା ହେଲା ଏସବୁ ପଡ଼ିଆ ଲୋକ ଦେଖାଣିଆ ଏବଂ ପେଶାଦାର ଖେଳାଳିମାନଙ୍କ ପାଇଁ, କିନ୍ତୁ ଆମ ପାଇଁ ଦରକାର ଗାଁ, ଗହଳିରେ ଥିବା ପଡ଼ିଆଙ୍କୁ ଖେଳ ଉପଯୋଗୀ କରିବା। ଖେଳାଳିମାନେ ତଳସ୍ତରରୁ ତିଆରି ହୋଇଥାଆନ୍ତି । ନୂଆ ସରକାର ଯଦି ଏହା ଉପରେ ନଜର ଦିଅନ୍ତେ ଭଲ ହୁଅନ୍ତା। ପ୍ରତି ବ୍ଲକ ଲେଭଲରେ ଖେଳ ପଡ଼ିଆ ଏବଂ ଅନ୍ୟାନ୍ୟ ଖେଳର ସୁବିଦା ସୁଯୋଗ ତିଆରି କରିଲେ ଅନେକ ଦିଲିପ ତିର୍କି ଏବଂ ରୋହିତ ଦାସ ତିଆରି ହୋଇପାରିବେ ।




## ଦୁଃଖୀ

**ଡ. ଅନିଲ ନନ୍ଦ**



କହିଲେ, ଛୁଉଁନା ତାକୁ
ତେଇଁ ପଡ଼ିବ ସଂକ୍ରମଣ
ଖୋଜି ଖୋଜି ବାହାର କରନା
କୋଉଠି ଅଛି ତା ଘାଆ
କୋଉଠି ଅଖଞ୍ଜ ତା ପାଦ
କୋଉଠି ଭାଙ୍ଗିଛି ମେରୁଦଣ୍ଡ ।

ଦୁଃଖର ଜିଭ ନିଆଁ ଭଳି ଲହଲହ
ଦୁଃଖର ରଙ୍ଗ ମେଘଠାରୁ କଳା
ଦୁଃଖର ଶୋଷକୁ ସମୁଦ୍ର ନିଅଣ୍ଟ
ଦୁଃଖକୁ ବାଟେଇ ଦେଇ
ଦୁଃଖ ସହିବା କଣ କମ୍ କଥା !

ଥାଉ,ଯୋଉଠି ଅଛି ତା ଦୁଃଖ
ପଚାରନା କେମିତି ପାହୁଚି ତା ରାତି
ଲୁହରେ ନା କୋହରେ
ନା ଲିଭି ଆସୁଥିବା ଦୀପଟିର
କ୍ଷୀଣ ଧାରେ ଶିଖାରେ ।

କହିଲେ ସେମାନେ
ଦୁଃଖୀ ପାଇଁ ତ ଟଳମଳ
ଚିକଚିକ୍ ଦିଶୁଥିବା ସେତୁ,
ଦୁଃଖୀର ଅଗଣାରେ ଦୁଃଖଙ୍କ ଆସର
ଦଶହାତ ଦୂରର ଆମେ।


କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ -୯୯୩୭୮୪୩୩୬୮


## ମୋହ ମୁଦ୍ଗର

**ଡ.ଦୀପକ କୁମାର ମିଶ୍ର**



ହାରିଯାଇଛି ମୋହ ମୁଦ୍ଗରରେ
ଖେଳିଥିବା ଜୀବନର ଯୁଦ୍ଧ
ଭାଙ୍ଗିଯାଇଛି କାନ୍ଧ,
ମେରୁଦଣ୍ଡ ହାଡ଼ ।

ବୁଝିଲି, ପ୍ରେମ ଏକ ଛାୟାହୀନ ମାୟା
କାୟା ସର୍ବସ୍ୱ ମୋହାବିଷ୍ଟ
ମୃଦୁମୃଦୁ ରାହା
ପଛକୁ ଫେରିଚାହିଁଲେ
କଇଁକଇଁ କାନ୍ଦୁରା ଅତୀତ
ଆଗରେ ଛିଡ଼ାହୋଇଛି ଗୋଡ଼ଭାଙ୍ଗି
ଭାଗ୍ୟହୀନ ଅନ୍ଧ ଭବିଷ୍ୟତ ।

କା'ପାଇଁ ରଖିଚୁରେ ତୂଣୀରରେ ତୀର
ରଣ କରି ଘୃଣା କିଣୁ
ଏବେ ଈଶ୍ୱରଙ୍କୁ ଜାଣ
ବିଶ୍ୱାସରେ ବିଷମଞ୍ଜି ଅସ୍ଥିମଜ୍ଜାଗତ
ଅଦ୍ଭୁତ ସମ୍ପର୍କ ଏଠି
ଲକ୍ଷ୍ୟ ଯାର ନର୍କ ।

ଠିକିଯା' ଉଦ୍ଧବ ଏବେ
ବେଳ ଥାଉ ଥାଉ
ଏକ ଆତ୍ମନ ଦ୍ୱିଜା ନାସ୍ତି
କାହିଁ ଶାସ୍ତି ପାଉ
ମାୟାର ଗୋଲକଧନ୍ଦାରୁ ନିଜକୁ
କର ଏବେ ମୁକ୍ତ
ନର ନାରାୟଣ ଅଂଶ
ଯାହା ଚିରାଗତ ସତ୍ୟ ।


ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦


## ଶୁଭ୍ରମୟୀ ଆଗୋ ଶରତ ପ୍ରେମିକା

**ବେଣୁଧର ସୂତାର**



ପ୍ରୀତି ମଧୁକୁଞ୍ଜ କୁସୁମ ଗୋ ତୁମେ
ପୁଷ୍ପିତ ହୋଇଛ ଏ ଧରା ଧାମେ
ଭିଜା ମାଟିର ଏ ମୋହ ମହକରେ
ରୂପେ ମାୟାପୁରୀ ରଚିଛ ତୁମେ
ନୈସର୍ଗିକ ହସ ଓଢ଼ଣା ଫାଙ୍କେ
ମୃଦୁକାନ୍ତି ତୋରା ରେଶମୀତନୁରେ
ମଞ୍ଜୁଳ ଶୃଙ୍ଗାରେ ସପନ ଆଙ୍କେ ।

ରୂପସୀ ଅଳସୀ ଲାସ୍ୟ ମଦାଳସୀ
ହାସ୍ୟମୟୀ ଶରତର ପ୍ରେମିକା
ଶ୍ୱେତ ବସ୍ତ୍ରାନ୍ୱିତା ଭୂଲୋକ ମଣ୍ଡିତା
ଋତୁବର୍ଣ୍ଣା ଋତୁମତୀ ନାୟିକା
ଦିବ୍ୟରୂପା ଅୟିପ୍ରକୃତି କନ୍ୟା
ପାର୍ବଣ ଋତୁର ପାଟ ଅଗଣାରେ
ବୁହାଇ ଦେଇଛ ରୂପର ବନ୍ୟା ।

ଭୃଲତାରେ ତୁମ ଭଉଁରୀ ଖେଳୁଛି
କାମନାର ନୀଳ ତରଙ୍ଗ ମାଳା
ସ୍ୱପ୍ନିଳ ମାୟାର ରମ୍ୟ ନଗରୀରେ
ପଦ୍ମତୋଳା ଗାଅ ହେ ପ୍ରେମଶୀଳା
ଅଳସୀ ଆଖିରେ ମିଠା ସପନ
ଚୋରାଚାହାଣିର ଚହଲା ପ୍ରେମରେ
ଚୋରାଇ ନେଉଛ ତପସ୍ୱି ମନ ।

ତନୁ ତନିମାର ଚିତ୍ରପୁରୀ ମାୟା
ତୁଷାର ଧବଳା ମୃଦୁ ମଞ୍ଜୁଳା
ନହୁଲି ଅଧରେ ହସ କୁହୁକରେ
ସ୍ୱପ୍ନ ପୀୟୂଷର ବିପଣି ମାଳା
ପ୍ରୀତି ମାଧୁରୀର ଫଲ୍ଗୁ ନିର୍ଝର
ଜୋଛନା ପଖଳା ବିଭାବରୀ ରଚେ
ପ୍ରେମ ପ୍ରଣୟରେ ଚାରୁ ସ୍ୱାକ୍ଷର ।

ଗୋଧୂଳି ସଞ୍ଜରେ ନହୁଲି କୁଞ୍ଜରେ
ଉଇଁ ଆସେ ରୁପା ପୂନେଇ ଜହ୍ନ
ମଧୁ ଚନ୍ଦ୍ରିକାର ଅମ୍ଳାନ ପ୍ରେମର
ଦିବ୍ୟ ମଧୁର ଏ ଭାବ ବନ୍ଧନ
ଶୁଭ୍ରବେଶାଗୋ ଏଧରିତ୍ରୀ କୋଳେ
ପ୍ରୀତି ପାରିଜାତ ପ୍ରଣୟ କୁଞ୍ଜରେ
ପ୍ରୀତିଜ୍ୟୋସ୍ନାବୋଳେ ଅଧରତଳେ।
ଆହା କି ମଧୁର ପ୍ରଣୟ କାବ୍ୟର
କାଶ ହାସ ସତେ କୁହୁକ ଛନ୍ଦା
ଭାବୁକଅନ୍ତରେ ତୁମେ ଭାବାନ୍ତର
କବି କାବ୍ୟମୟୀ ଅଳକାନନ୍ଦା
କୋଟି ଲାବଣ୍ୟର ଅମିୟ ଧାରା
ରୂପମୟୀ ତୁମେ ରୂପର ମାଦକେ
ହସି ହସାଉଛ ଏ ଧୂଳି ଧରା ।


କେଶଦୁରାପାଳ, କେନ୍ଦୁଝର
ମୋ:୯୧୭୮୫୬୮୨୪୬

# ଅମର ଏକ ପ୍ରେମ କାହାଣୀ

ରବୀନ୍ଦ୍ର କୁମାର ପାତ୍ର



ରାସ୍ତା ଘାଟ ଶୂନଶାନ,ଚାରିଆଡେ କିଟି ମିଟିଆ ଅନ୍ଧାର, ଖାଲି କିଛି ପତଙ୍ଗଙ୍କ କିଚିରି ମିଚିର ଶବ୍ଦ ତା ସାଙ୍ଗକୁ ତୁହାକୁ ତୁହା ବର୍ଷା ପବନ, ବିଜୁଳିର ରାଜୁତି, କେହି କେଉଁଠି ଦେଖିବାକୁ ମିଳୁ ନାହାନ୍ତି। ରାତି ପ୍ରାୟ ଘଣ୍ଟା ରେ ଏଗାରଟା ପାଖାପାଖି ହେବ,କେହି ଜଣେ କବାଟ ଖଟ ଖଟ କରିବାର ଶବ୍ଦ ଶୁଣିବାକୁ ପାଇଁଲେ ଲୋରିଆ। ଏତେ ରାତରେ କିଏ ମୋ କାବାଟ ପାଖରେ। ପୁଣି ଏତେ ବର୍ଷାରେ। ଆଖିକୁ ଟିକେ ନିଦ ଲାଗି ଆସିଥାଏ ଆଖି ମଳି ବିଛଣାରୁ ଉଠି ଲୋରିଆ କବାଟ ପାଖକୁ ଗଲେ। କିଏ, କିଏ କବାଟ ପାଖରେ ଅଛନ୍ତି ? ପୁଣି ଏତେ ରାତିରେ କାହାକୁ ଖୋଜୁଛନ୍ତି ? ଲୋରିଆର ଶବ୍ଦ ଶୁଣି ସାରିବା ପରେ କବାଟ ବାହାରୁ ଜଣେ କେହି କହିଲେ ଆଜ୍ଞା ମୁଁ ସନ୍ଦେଶ କହୁଛି, ବାହାରେ ପ୍ରବଳ ବର୍ଷା ଆଉ ପବନ ମୁହଁକୁ ମୁହଁ ଦିଶୁନି ମୋର ବି ଗାଡି ଖରାପ ହୋଇ ଯାଇଛି, ମୋତେ ଟିକେ ସାହାଯ୍ୟ କରନ୍ତୁ ଆଜ୍ଞା। କାଲି ସକାଳେ ଚାଲି ଯିବି।

ଏ କଣ୍ଠ ସ୍ୱର ଶୁଣିବା ଶୁଣିବା ପରି ଲାଗୁଚି, କାହାର ଏ କଣ୍ଠ ସ୍ୱର ?, ଏ କଣ ସେହି ସନ୍ଦେଶଙ୍କ କଣ୍ଠ ସ୍ୱର ? ଏ କଣ ସେହି ସନ୍ଦେଶ ନା ଏତେ ବର୍ଷ ପରେ ସନ୍ଦେଶ ବା କାହିଁକି ବି ଏଠିକୁ ଆସିବେ ? ମୋ ପାଖରେ ତାଙ୍କର ବା କାମ କଣ ? ଏମିତି ଅନେକ କିଛି ଭାବୁଥାନ୍ତି ଲୋରିଆ। ପୁଣି ଆଜ୍ଞା ଟିକେ କବାଟ ଖେଲନ୍ତୁ ଡାକିଲେ ସନ୍ଦେଶ। ଚମକି ପଡି ଆଜ୍ଞା ଖୋଲୁଚି ଲୋରିଆ କହି କବାଟ ଖୋଲିଲେ। ଦୁଆର ବାହାରେ ସନ୍ଦେଶ ଆଉ ଘର ଭିତରେ ଲୋରିଆ ବହୁ ବର୍ଷର ବ୍ୟବଧାନ ପରେ କେହି କାହାକୁ ଠିକସେ ଜାଣି ପାରି ନ ଥିଲେ। ଭିତରକୁ ଆସନ୍ତୁ ଆଜ୍ଞା କହି ଲୋରିଆ ସନ୍ଦେଶକୁ ଘର ଭିତରକୁ ଡାକିଲେ।

ସକାଳ ହେଲା ଚାରିଆଡ ଦୁଷରିଆ ସୂର୍ଯ୍ୟ କିରଣ ପଡି ଥାଏ। ଆଉ ଟିକେ ଶୋଇବାର ଇଚ୍ଛା ବି ଥାଏ ସନ୍ଦେଶଙ୍କର। କିନ୍ତୁ ବହୁ ଦୂରକୁ ତାଙ୍କୁ ଯିବାର ଥାଏ, ଇଚ୍ଛା ନ ଥିଲେ ବି ଆଖି ମିଳି ମିଳି ବିଛଣାର ସନ୍ଦେଶ ଉଠିଲେ। ଦେଖିଲେ ପାଖ ଟେବୁଲରେ ଏକ ସୁନ୍ଦର ଚାହା କପରେ ନାଲି ଚହା ଥିଲା, ଚାହା କପକୁ ଲାଗି ଆଉ ଗୋଟେ ପୁରୁଣା ଡାଏରୀଟିଏ ଥିଲା। ହଟାତ ସନ୍ଦେଶ ଟିକେ ବ୍ୟସ୍ତ ହୋଇ ପଡିଲେ। ଜାଣ ପଡୁଥିଲା ଡାଏରି ସହିତ କିଛି ଗୋଟେ ସମ୍ପର୍କ ସନ୍ଦେଶଙ୍କର ଅଛି ବୋଲି। ପୃଷ୍ଠା ପରେ ପୃଷ୍ଠା ଲେଉଟେଇ ଚାଲିଲେ, ଆଉ ବ୍ୟସ୍ତ ମଧ ହୋଇ ପଡିଲେ। ଏ ଡାଏରି ଏଠି, ପୁଣି ଏତେ ଯତ୍ନରେ ରଖା ଯାଇଛି, ଏ କିଏ, ଏ କଣ ସେହି।

ଆଜ୍ଞା ରାତି ପାହି ସକାଳ ହେଲାଣି। ବର୍ଷା ବି ଛାଡି ଛାଡି ଯାଇଛି। ଦୂରକୁ ଆପଣଙ୍କୁ ଯିବାର ଥିଲା ଏବେ ଯିବେ। ହଁ ହଁ ମୁଁ ବାହାରି ସାରିଲିଣି। ଖାଲି ଆପଣଂକୁ ଅପେକ୍ଷା ଥିଲା, ଲୋରିଆର କଥା ଶୁଣି ସନ୍ଦେଶ ଏ କଥା କହିଲେ। ତା ପରେ ତର ତର ହୋଇ ବାହାରି ପଡିଲେ, କିଛି ଗୋଟେ କଥା ପଚାରିଥାନ୍ତେ ସନ୍ଦେଶ ଲୋରିଆକୁ ବୋଧେ। କିନ୍ତୁ ପଚାରିବାର ସାହସ ନ ଥିଲା। କିଛି ବାଟ ଆସିବା ପରେ ଆଜ୍ଞା ଆପଣ କିଛି କହିବେ ବୋଲି ଭାବୁ ଥିଲେ କି। ନା ନା ସେମିତି କିଛି ନାହିଁ ଖାଲି ଗୋଟେ କଥା ବୁଝି ପାରିଲି ନାହିଁ। କଣ ସେ ଡାଏରି କଥା ପଚାରିବେ। ହଁ ହଁ ସେ ଡାଏରି କାହାର ? ଆପଣଙ୍କର ଲୋରିଆ କହିଲା। ତା ପରେ ଲୋରିଆର ଆଖି ଲୁହରେ ଛଳ ଛଳ ହୋଇ ଯାଇଥିଲା।

ଦୁହେଁ ଦୁହିଁଙ୍କୁ ଜାବୁଡି ଧରି ବହୁ ସମୟ ଯାଏ ନିଜର କୋହ ଆଉ ଲୁହକୁ ଏକାଠି କରି ଦେଇ ଥିଲେ। ଦିହେଁ ଦୁହିଁଙ୍କୁ ଚିହ୍ନି ପାରି ଥିଲେ। ଜାଣି ବି ପାରିଥିଲେ। କଲେଜ ପଢିବା ସମୟରୁ ଦୁଇ ଜନଙ୍କର ସମ୍ପର୍କ। ଭଲ ସାଙ୍ଗର ପ୍ରେମ ଆଉ ତାପରେ ଗଭୀର ଭଲ ପାଇବା। ଏମିତି କି କେହି କାହାକୁ ନ ଦେଖିଲେ ରହିଁ ପାରୁନଥିଲେ। ଜଣେ ଅନ୍ୟ ଜଣଙ୍କ ପାଇଁ ପାଗଳ ଥିଲେ। କିନ୍ତୁ ସମୟ ଶୁଆରେ ଦୁହେଁ ପୁଣି ଅଲଗା ହୋଇ ଯାଇଥିଲେ। ଦୁଇ ଜଣଙ୍କ ଭଲ ପାଇଁବା ବିବାହ ଘରରେ ଶେଷ ହୋଇ ପାରି ନ ଥିଲା ସନ୍ଦେଶଙ୍କ ଘର ଲୋକ ରାଜି ନ ହେବା ଯୋଗୁ ସନ୍ଦେଶ ଅନ୍ୟତ୍ର ବିବାହ କରିବା ପରେ ସବୁ ଦିନ ପାଇଁ ଦୁହେଁ ଅଲଗା ହୋଇ ଯାଇ ଥିଲେ। ଦୁହିଁଙ୍କର ଭେଟ ପୁଣି ତିରିଶି ବର୍ଷା ପରେ ହୋଇ ଥିଲା। ଆଜିବି ତାଜା ଥିଲା ସେମାନଙ୍କ ଭଲ ପାଇଁବା,କେତେ ଗଭୀର ଭଲ ପାଇଁବା ଥିଲା ସେ ଦୁହିଁଙ୍କ ଭିତରେ। ସତରେ ପ୍ରେମ କେବେ ହରେ ନାହିଁ କି ମରେ ବି ନାହିଁ।

ତାପରେ ସନ୍ଦେଶ ଲୋରିଆକୁ ବିବାହ ନ କରି ଏତେ ଦିନ ଯାଏ କାହିଁକି ରହିଛନ୍ତି ବୋଲି ପ୍ରଶ୍ନ କଲେ ଲୋରିଆର ଉତ୍ତର ଥିଲା ବୟସ ସିନା ବଢ଼ି ଯାଇଛି କିନ୍ତୁ ତୁମ ପ୍ରତି ଭଲ ପାଇଁବା ମୋର କମି ଯାଇନି। ତୁମକୁ ଅପେକ୍ଷା କରି କରି ମୋର ବୟସ ବଢ଼ି ଯାଇଛି ଶରୀର ବି କାନ୍ତ ହୋଇ ଯାଇଛି କିନ୍ତୁ ମନ ପ୍ରାଣରେ ତୁମେ ସତେଜ ଅଛ। ତୁମେ ଭଲରେ ଅଛ ମୋର ସେହି ଭଲ। ତୁମେ ଭଲରେ ଥାଅ ତୁମେ ସୁଖରେ ଥାଅ ତୁମେ ସଦା ହସୁ ଥାଅ ଏ କଥା କହିବା ବେଳକୁ ଲୋରିଆର କଣ୍ଠ ସ୍ୱର ଗଭିର ହେଇଯାଉଥାଏ। ତାପରେ ବିଦାୟ ନେଇ ସନ୍ଦେଶ ଲୋରିଆ ପାଖରୁ ଆସିଲେ। ସାଙ୍ଗରେ ତାଙ୍କ ପ୍ରେମର ଶେଷ ଉପହାର ଡାଏରୀଟିକୁ ନେଇ ଆସିଥିଲେ। ଏକ ଅମର ପ୍ରେମର କାହାଣୀ ସେଇଠୁଁ ପୁଣି ଆରମ୍ଭ ହୋଇ ଥିଲା।

+ଗୁଲନଗର କେନ୍ଦ୍ରାପଡ଼ା
ମୋ: ୯୯୩୭୦୭୮୯୧୬

# ସ୍ୱାଭିମାନ

ପଦ୍ମାଳୟା ସାମଲ





ବୁଢା ବାପାକୁ ଛିଗୁଲେଇ କହିଚାଲିଛି ତରୁଣ । 'କିହୋ ! ତମେ କୁଆଡେ ସରକାରୀ ଚାକିରି କରୁଥିଲ ! କଣ କଲ ଚାକିରି କରିକି ? ଛୁଆ ଚାରିଟା ଜନ୍ମ କରିଦେଇ ବସିଗଲ ନିଧଡକ । ଇରେ ତାଙ୍କ ପାଇଁ କଣ ରଖିଛ ? ପଚାରିଲା ବେଳକୁ ପାଟି ଫିଟୁନି । ଏ ଯେଉଁ ଯୁଗ ହେଲାଣି, ଆମର ବେସରକାରୀ ଚାକିରିରେ ଆମେ କଣ ବା କରିପାରିବୁ । ସେଥିରେ ପୁଣି ବୋଝ ଉପରେ ନଳିତା ବିଡା ଭଳି ତିନି ଭଉଣୀଙ୍କର ବାହାଘର ନଦିଦେଲ ମୋ ଉପରେ । କଣ ନା ପୁଅ ବୋଲି ଗୋଟାଏ। ମତେ ତ ହାତରେ ନ ମାରି ଭାତରେ ମାରିଲ ନା ! ତିନି ତିନିଟା ଝିଅ ଜନ୍ମ କରୁଥିଲ କାହିଁକି ? ବାହାଘର ପରେ କୋଉ ସରିଗଲା ! ଭାର ଥୋର ତ ଅଟକୁନି କେବେ। କଣ ରଖିଛ ତୁମ ଏକମାତ୍ର ପୁଅ ପାଇଁ ? ଖାଲି ଦହଗଞ୍ଜ କରି ମାରିବାକୁ ମତେ ଯାହା ଜନ୍ମ କରିଛ । ଖାଲି ସେତିକି ନୁହେଁ ବିନା ଯୌତୁକରେ ଘରକୁ ବୋହୂ ଆଣି ଯେଉଁ ସୁନାମ ଅର୍ଜନ କଲ, ସେ ଫଳ ବି ମତେ ଭୋଗିବାକୁ ପଡୁଛି । ଶ୍ୱଶୁରଘରୁ ଛଦାମଟିଏ ବି ମିଳିଲାନି। ମିଳନ୍ତା ବି କେମିତି ! ତୁଣ୍ଡ ଖୋଲି କହିଲ ବି ନାହିଁ । କଣ ନା ମୁଁ ଯୌତୁକ ଦେଇନି କି ନେବିନି । ବଡ଼ ଆଦର୍ଶ କାମଟା କରିଦେଲ । ମା ଗଲାନି ଯେ ସବୁଯାକ ଦୁଃଖ ଦେଇ ଗଲା ମତେ।'

ଶ୍ୟାମସୁନ୍ଦର ପୁଅର କଟୁକଥା ଆଉ ସହି ପାରିଲେନି । ଚିତ୍କାର କରି କହିଲେ - ରଖିଛିରେ, ତୋ ହିସାବ ଖାତା ଖୋଲ । ତୋ ମା ଜନମ କରି ଲାଳନପାଳନ ବାବଦକୁ କେତେ ଖର୍ଚ୍ଚ କଲା, ତୁ ଖାଇପିଇ ପାଠ ପଢି ବାହାତୋଳା ହେଲୁ, କେତେ ଖର୍ଚ୍ଚ ହେଲା, ତୁ ଚାକିରି କଲା ପର୍ଯ୍ୟନ୍ତ ତୋତେ ପୋଷିଲା ବାବଦକୁ ମୋ ଦରମାର କେତେ ଗଲା, ସବୁ ସବୁ ହିସାବ କରରେ ପୁଅ । ତା'ପରେ କଣ ରଖିଲି କହ । ତୁ ତ ମୋର ସମ୍ପତ୍ତି, ମୁଁ ପୁଣି ରଖିବି କଣ ! ଜୀବନସାରା ତୋତେ ସାହାଯ୍ୟ କରିବାକୁ ସରକାରୀ ଚାକିରି କରୁଥିବା ଜୀବନସାଥୀଟିଏ ବାଛିଦେଲି । ତା ଠାରୁ କଣ ଯୌତୁକ ବଳି ! ଗାଁରେ ଟୁବି ଗାଡିଆରେ ମାଛ ବିହନ ଛାଡ଼ିଥିଲି ଏଇନେ କେତେ ବଡ଼ ହେଇଯିବେଣି । ଚାଳିଶିଟା ନଡ଼ିଆ ଗଛ ପକେଇଛି, ତାକୁ ଭୂତ ଖାଉଛି। ଆମ୍ବ ଗଛ, ପଣସ ଗଛ, କଦଳୀ ଗଛ କଣ ବାଡ଼ିରେ ନାହିଁ ? ତୁ ସହର ଛାଡ଼, ଗାଁକୁ ଚାଲ, ଜମି ପଡିଛି ଅପର୍ଯ୍ୟାପ୍ତ ଚାଷ କର । ପେଟରେ ଭୋକ ଥିଲେ ବି କିଏ ମହଣ ମହଣ ଖାଏନିରେ। ମୁଠାଏ ପେଟପୁରା ଖାଏ ଆରେ ! ଯାହା ଜୀବନସାରା ଖର୍ଚ୍ଚ କଲେ ସରେନି ତାକୁ ତୋ ପାଇଁ ସାଇତି ରଖିଛି । ତୋ ପାଇଁ ମୁଁ ଯେଉଁ ସ୍ୱାଭିମାନ, ଆତ୍ମସମ୍ମାନ ଟିକକ ରଖିଛି ତୁ ତ ମୁଣ୍ଡ ଟେକି ବାଟ ଚାଲିବୁ ତମାମ ଜୀବନ । ଶ୍ୱଶୁରଙ୍କର ବଡ଼ ପାଟି ଶୁଣି ଧାଇଁ ଆସିଲା ସୁରେଖା । ତା ଜୀବନର ସବୁଠାରୁ କରୁଣ ମାନସିକତା ହେଲା ନିଜ ସ୍ୱାମୀ, ଯିଏ ନିଜ ବାପାକୁ କଟୁ କଥା କୁହନ୍ତି । ଆଉ ତାରି ଆଗରେ ତା ଶ୍ୱଶୁର ଯନ୍ତଣାରେ କଲବଲ ହୁଅନ୍ତି । ଅନେକ ଦିନ ପୂର୍ବରୁ ନିଜ ସ୍ତ୍ରୀକୁ ହରେଇଛନ୍ତି ସେ । ନଣନ୍ଦମାନଙ୍କ ଠାରୁ ଶୁଣିଛନ୍ତି ଶ୍ୱଶୁର ସ୍ତ୍ରୀ ବିନା ଏକୁଟିଆ ଜୀବନ ସହିତ ଯୁଝିଯୁଝି ପିଲାମାନଙ୍କୁ ବଡ଼ କରିଛନ୍ତି । ସେଥିପାଇଁ ଦିନେ ହେଲେ ସେ ଶ୍ୱଶୁରଙ୍କ କଥାକୁ ଅମାନ୍ୟ କରେ ନାହିଁ । ବରଂ ନିଜ ପୁଅକୁ ଜେଜଙ୍କ ସହ ମିଳାମିଶା କରିବାକୁ ସବୁବେଳେ ସୁଯୋଗ ଦିଏ।

ମାଆ ପଛେ ପଛେ ଦଶବର୍ଷର ନାତି, କାହ୍ନା, ଦୌଡ଼ି ଆସିଲା । ଜେଜେଙ୍କ ପାଖକୁ ଯାଇ କହିଲା,' ମାମା କହୁଥିଲା, ଜେଜେ ତୁମେ କୁଆଡେ ବହୁତ ଦାମିକିଆ ଜିନିଷ ଲୁଚାଇ ରଖିଛ। ମାଗିଲେ ଦେବ ନା ? ତମେ ମତେ ସବୁ ଦେଇଦିଅ ଜେଜେ । ମୁଁ ତାକୁ ସାଇତି ରଖିବି । ବାପା ସବୁବେଳେ ତମ ସହିତ କଳି କରୁଛନ୍ତି । ତାଙ୍କୁ କିଛି ଦିଅନା। 'ଶ୍ୟାମସୁନ୍ଦରଙ୍କର ଖାଲୁଆ ଆଖିରେ ଲୁହ ଜକେଇ ଆସିଲା । ଜୀବନସାରା ଯେଉଁ ସ୍ୱାଭିମାନ ନେଇ ସତପଥରେ ବଞ୍ଚିଲେ, ଆଜି ପୁଅ ତାକୁ ଗ୍ରହଣ କରିବାକୁ ରାଜି ନୁହେଁ । ଅଥଚ ଦଶ ବର୍ଷର ନାତି ଜୀବନ ବିଷୟରେ ଅନଭିଜ୍ଞ ଥାଇ ମାଗୁଛି। କହୁଛି, ମତେ ଦିଅ ଜେଜେ ମୁଁ ତାକୁ ସାଇତିବି । ନାତିର ମୁଣ୍ଡ ଆଉଁସି କହିଲେ,' ତୁ ତ ମୋର ସବୁଠୁ ବଡ଼ଚିଜରେ କାହ୍ନା। ତତେ ଦେବିନି ତ ଆଉ କାହାକୁ ଦେବି ! ତୋ ବାପା ସିନା ବୁଝିଲା ନାହିଁ, ହେଲେ ସେ ସଂସ୍କାର ତୋ ଠି ଅଛି, ତତେ ତୋ ମା ଦେଇଛି। ତୁ ମୋର ଚଳନ୍ତି ଭଣ୍ଡାର । ମୋ ପରମ୍ପରାର ବିଶାଳବୃକ୍ଷ ହୋଇ ଦିନେ ଠିଆ ହେବୁ ସେ ବିଶ୍ୱାସ ମୋର ତୋ ଉପରେ ଅଛି । ଆତ୍ମା ଯୋଉଥିରେ କଷ୍ଟ ପାଏ ସେ କାମ କେବେ କରିବୁନିରେ । ଆତ୍ମାକୁ ସମ୍ମାନ ଦେବୁ,ସ୍ୱାଭିମାନର ସହିତ ବଞ୍ଚିବୁ। ଦଶ ବର୍ଷର ନାତି ଜେଜେଙ୍କ କଥାରୁ କଣ ବୁଝିଲା କେଜାଣି ନିଜ ହାତରେ ଜେଜେଙ୍କ ଲୁହ ପୋଛିଦେଲା । ଆଉ କହିଲା,' ଜେଜେ ତମେ ଜମା କାନ୍ଦନି। ମୁଁ ବଡ଼ ହେଲେ ସବୁ ଠିକ କରିଦେବି। '


ଅତି ପାଖରୁ ଏ ଦୃଶ୍ୟ ଦେଖି ସୁରେଖାର ଛାତି କୁଣ୍ଢେମୋଟ ହୋଇଗଲା ।

+ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨



# ନୀରବ ସ୍ୱର

ସୁଦର୍ଶନ ମହାପାତ୍ର



-'କାହା ସାଙ୍ଗରେ ଏତେ ଗପୁଥିଲୁ ?' ବୋଉକୁ ଚିଢ଼େଇବା ପାଇଁ କହେ ବବଲୁ। 'ଏଇ ତୋ ଆଈ ସାଙ୍ଗରେ ମ. !' କୈଫତ ଦେବା ଭଳି କହେ ବୋଉ।

ବୋଉକୁ ଚିଡାଇ ଆମୋଦିତ ହୁଏ ବବଲୁ। ତା' ଚିଡାଇବାକୁ ବୋଉ କେବେ କେବେ ଗୁରୁତର ସହ ନିଏ ତ , ଅଭିମାନରେ କହେ ' ଠିକ୍ ଅଛି, ଆଜିଠାରୁ କାହା ସହିତ ଆଉ କଥା ହେବି ନାହିଁ। ଏଇ ଘର ଚାରିକାନ୍ଥ ଭିତରେ ମୂକ ବଧିର ହୋଇ ପଡି ରହିବି।'

ବୋଉ ଠାରୁ ଏମିତି କଥା ଶୁଣିଲେ ଭାଙ୍ଗିପଡେ କିନ୍ତୁ ବବଲୁ। ସେଇଠୁ ବୋଉକୁ ମନେଇବାକୁ ଚେଷ୍ଟା କରେ କୌଣସି ଆଳରେ। କେତେବେଳେ 'ଦେହ ଭଲ ନାହିଁ' ତ କେତେବେଳେ 'ଏଠି ଜମା ଭଲ ଲାଗୁନାହିଁ' ବୋଲି କହିଲେ ବୋଉର ରାଗ ଧୀରେ ବରଫ ପରି ତରଳି ଯାଏ। ସେଇଠୁ ବବଲୁ ପାଇଁ ବ୍ୟସ୍ତ ହୋଇପଡେ ସବୁ ଅଭିମାନକୁ ପଛରେ ପକାଇ।

ବବଲୁ କଥାରେ ବେଳେ ବେଳେ ବୋଉର ରାଗ ନକମିଲେ ସେ ବାଧ ହୋଇ ସାହାଯ୍ୟ ସହଯୋଗ ମାଗେ ବଡ଼ ଭଉଣୀ ରିତୁ ଦିଦିକୁ । ବବଲୁ ଜାଣେ ରିତୁ ଦିଦି କେବେ ହାରିବନି ବୋଉ ପାଖରେ। ରିତୁ ଦିଦି ବାହାଘର ପରେ ବି ସେଇ ଧାରା ଏପର୍ଯ୍ୟନ୍ତ ବଳବତ୍ତର ରହିଛି। ଅବଶ୍ୟ ରିତୁ ଦିଦି ଆଗ ପାଟିକରେ ବବଲୁ କୁ, ବୋଉକୁ ରଗେଇଥିବାରୁ।

ବବଲୁ ଜାଣେ ସବୁ କଥା। ଜାଣେ ତା'ବୋଉ କେତେ ଏକଲାପଣରେ ଅସ୍ତବ୍ୟସ୍ତ ଏବେ। ରିତୁ ଦିଦିର ବାହାଘର ବେଳକୁ ସେ ଘରେ ଥିଲା। ହେଲେ ପଢ଼ାପଢ଼ିରେ ଏତେ ବ୍ୟସ୍ତ ରହେ ଯେ ବୋଉ ସହିତ ଖାଇବା ସମୟତକ ଛାଡି ଆଉ କିଛି ସମୟ ଦେବା, ଏମିତିକି କିଛି କଥାବାର୍ତ୍ତା କରିବା ପାଇଁ ସମୟ ନଥାଏ। ବାପା ତ ତାଙ୍କ ବ୍ୟବସାୟ ଓ ଅନ୍ୟାନ୍ୟ କାମରେ ସବୁବେଳେ ବ୍ୟସ୍ତ। ତାଙ୍କର ଯେମିତି ଅଲଗା ଏକ ଦୁନିଆ। ଘରକୁ ଫେରିବେ ତ ଟିଭି ପରଦାରେ ମଜିଯିବେ। ବୋଉକୁ କୌଣସି ଟିଭି ସିରିଏଲ୍ ଦେଖିବାର ସୁଯୋଗ ମିଳିବ ନାହିଁ। ଏମିତି କେମିତି ସମୟ କାଟିବ ସେ। ସେଇଥିପାଇଁ ତ କାହା ସହିତ ଟିକିଏ ଫୋନ୍‌ରେ କଥା ହୋଇ ନିଜକୁ ହାଲକା କରେ।

କାହା ସହିତ ମାନେ ଏଇ ଆମରି ପ୍ରିୟ ପରିଜନଙ୍କ ସହିତ। କେବେ ବୋଉ ଫୋନ୍ କରେ ତ କେବେ ସେମାନେ ଫୋନ୍ କରନ୍ତି। ଓଷା ବ୍ରତ ଇତ୍ୟାଦି ବିଷୟରେ କଥା ହୁଏ କିମ୍ବା ପୁଅ ଝିଅଙ୍କ ବିଷୟରେ.., ଦେହ ପା ବିଷୟରେ.. !

ଏବେ ବବଲୁ ପଢିବାକୁ ବାହାରକୁ ଗଲାପରେ ଆହୁରି ଏକଲା ହୋଇଯାଇଛି ବୋଉ। ବବଲୁ ପ୍ରଥମ ଥର ପାଇଁ ଘରୁ ବାହାରକୁ ଗଲା ତ ତାକୁ ଖୁବ୍ ଏକୁଟିଆ ଲାଗେ। ସେ ଏବେ ଖୁବ୍ ବୁଝି ପାରେ ତା' ବୋଉର ଏକଲାପଣର ଜୀବନକୁ।

ଦିନେ ରିତୁ ଦିଦି ର କଥା ଶୁଣି ଯେତିକି ଆଶ୍ଚର୍ଯ୍ୟ ହେଲା ସେତିକି ଦୁଃଖିତ ହେଲା ବବଲୁ। ରିତୁ ଦିଦିର ଅଭିଯୋଗ ହେଲା ବୋଉ ତା ସହିତ ଆଉ କଥା ହେବାକୁ ଚାହୁଁନାହିଁ। ଏଇଟା କ'ଣ ସମ୍ଭବ ? ବବଲୁ ଏଥର ରିତୁ ଦିଦିକୁ ବୁଝେଇବାକୁ ଚେଷ୍ଟା କଲା ବୋଉ କୌଣସି କାମରେ ବ୍ୟସ୍ତ ଥିବ ବୋଲି କହି।

ବବଲୁ ର ମନେ ପଡିଲା ପିଲାଦିନର କଥା। ପରୀକ୍ଷା ସମୟ ଆସିଲେ ବୋଉ ତାକୁ ମନଦେଇ ପାଠ ପଢ଼ିବାକୁ ତାଗିଦ୍ କରେ। ହେଲେ ସାଙ୍ଗମାନଙ୍କ ସହିତ ଗାଁ ଦାଣ୍ଡର ଖେଳକୁ କ'ଣ ଛାଡିପାରେ ବବଲୁ ? ଖେଳ ସାରି ଘରକୁ ଆସି ବୋଉ ରାଗରୁ ବଞ୍ଚିବାକୁ ପାଠପଢି ବସିବ ତ କୁଆଡୁ ଆସିଯିବ ନିଦ। ଲମ୍ଭା ଲମ୍ଭା ହାଇ ମାରି ଢୋଳେଇ ପଡିବ ବାରମ୍ବାର। ତା'ଭିତରେ ରିତୁ ଦିଦି ଚୁପକରି କେତେବେଳେ ବୋଉକୁ କହି ଦେଇ ଆସିଥିବ ସବୁ କଥା। ସେଇଠୁ ଆରମ୍ଭ ହୋଇଯିବ ପାଟି। ପଦେ ଦୁଇ ପଦରେ ସରୁ ନଥିବ ସେ ପାଟି... !

ବୋଉର ଗାଳି ଆରମ୍ଭ ହେବ ତ କେଉଁଠି ଶେଷ ହେବ ଜାଣିବା ମୁସ୍କିଲ। କେତେବେଳେ ଗାଳି ଯାଇଁ ପହଞ୍ଚି ଯାଏ ବବଲୁ ନାଁ ରେ ଫେରାଦ ହୋଇଥିବା ସେଇ ରିତୁ ଦିଦି ପାଖରେ ତ ପୁଣି କେତେବେଳେ ପୁଅକୁ ଆକଟ କରୁନଥିବା ବାପାଙ୍କ ପାଖରେ। ସେ ଗାଳିରେ ରିତୁ ଦିଦି ମୁହଁ ଫୁଲାଏ ସିନା ବାପା ମୁରୁକି ହସି ଚାଲିଯାଆନ୍ତି ତାଙ୍କ ବାଟରେ। ଦିନେ ତ ବବଲୁ ସାଙ୍ଗ ମାନଙ୍କ ସହିତ ମିଶି ଏକ ବିରାଟ କାଣ୍ଡ କରି ଆସିଥିଲା ସ୍କୁଲ ଫେରନ୍ତା ରାସ୍ତାରେ। ଗାଁର ଜଣେ ବଦରାଗୀ ଲୋକର ନଳିତା କିଆରୀରେ ପଶି ଲୁଚୁକାଳି ଖେଳିଲା ଭିତରେ ଡେଙ୍ଗା ଡେଙ୍ଗା ନଳିତା ଗଛରୁ କିଛି ଭାଙ୍ଗି ଫେରି ଆସିଥିଲେ ଗାଁକୁ ସମସ୍ତେ । ଏକଥା କାହାକୁ କେହି କହିବେନି ବୋଲି ଠାକୁରାଣୀଙ୍କ ନାଁ ରେ ଶପଥ କରିଥିଲା ବେଳେ ଜଣେ ସାଙ୍ଗ ଶପଥ ଭାଙ୍ଗି ଦେଇଥିଲା ତା ବୋଉ ରାଣକୁ ପ୍ରତିହତ କରି ନପାରି।

ସେ ଲୋକ ନଳିତା କିଆରୀରେ ଅମାପ କ୍ଷତି ହୋଇ ସାରିଥିଲା ଯେମିତି।କେତେ ଗାଳି। ପୁଣି କି ଖରାପ ଭାଷାରେ.. !

ଦୁଷ୍ଟ ସର୍ଦ୍ଦାର ପୁଅର ବାପା ହିସାବରେ ବାପା ଭରିଥିଲେ ସେ ଚାଷୀଙ୍କୁ ସବୁତକ କ୍ଷତିପୂରଣ।

-'ଯାହା କରୁଛୁ କର। ହେଲେ ସବୁଥର ପରି ଏ ପରୀକ୍ଷାରେ ବି ଯେମିତି ଶ୍ରେଣୀରେ ପ୍ରଥମ ହେବୁ। ନହେଲେ ତୋ ଉପରେ ଯେତିକି ମୋ ଉପରେ ସେତିକି ଗାଳି ବର୍ଷଣ ନିଶ୍ଚିତ।' ଅଳ୍ପ ହସି କହିଥିଲେ ବାପା। ସେଦିନ ବୋଉ ପାଟିରୁ ବବଲୁ ପାଇଁ ଯେତିକି ଗାଳି ବାହାରିଥିଲା, ତା' ପୁଅକୁ ସେ ଲୋକ ଅଭିଶାପ ଦେଇ ଗାଳି କରିଥିବାରୁ ସେତିକି ଲୁହ ବାହାରିଥିଲା । ସେଇଥିପାଇଁ ବି ସେ ଲୋକକୁ ବୋଉ ଘର ଭିତରେ ବିଡ଼ିବିଡି ହୋଇ ଓଲଟା ଗାଳି କରୁଥିଲା, ଯାହା ବବଲୁକୁ ବିସ୍ମିତ କରିଥିଲା।

ପରଦିନ ସକାଳୁ ବବଲୁ ବୋଉକୁ ଫୋନ୍ ଲଗାଇଲା। ହେଲେ ବାପା ଧରିଲେ ଫୋନ୍। ବାପାଙ୍କ କଣ୍ଠ କାହିଁକି କେଜାଣି ଦବିଲା ଦବିଲା ମନେହେଲା ବବଲୁକୁ। ବୋଉ କ'ଣ ତା' ଉପରେ କିମ୍ବା କାହା ଉପରେ ରାଗିଛି କି ? ବୋଉ କାହା ସହିତ କଥା ହେବାକୁ ଚାହୁଁନାହିଁ ବୋଲି ବାପା ବି କହିଲେ। ସେଇଥିପାଇଁ ବୋଧହୁଏ ରିତୁ ଦିଦି 'ବୋଉ ପାଟିରେ ପୋକ ହୋଇ ଯାଇଛି କି' ବୋଲି ରାଗିକି କହୁଥିଲା ! ବବଲୁ ବାପାଙ୍କୁ ଅନୁନୟ କଲା ବୋଉକୁ ଫୋନ୍ ଦେବାକୁ।

ଶେଷକୁ ବୋଉ ଫୋନ୍ ଧରିଲା। -'କ'ଣ କହୁଚୁ ବବଲୁ ?'

ବାସ ସେତିକି କଥା। ବବଲୁ ଯେତେ ଯାହା ପଚାରିଲା ଖାଲି ଶୁଣୁଥିଲା ବୋଉ। ଶେଷକୁ ବାପାଙ୍କୁ ଧରେଇ ଦେଲା ଫୋନ୍।

-' ତୋ ବୋଉ ଆଉ କଥା ହେଇ ପାରୁନି ବବଲୁ। ସେଥିପାଇଁ କଥା ହେଉନି। ହେଲେ ସବୁ କଥା ଶୁଣି ବୁଝିପାରୁଛି। ଏବେ ବହୁତ ସମୟ ଶୋଇରହୁଛି। ଛୋଟ ଛୋଟ କଥାରେ ବି ଖୁବ୍ ରାଗୁଛି ସେ। ଡାକ୍ତରଙ୍କ ପାଖକୁ ଯିବାକୁ ମନା କରୁଛି। ତୁ ହେଲେ ଥରେ ଆସନ୍ତୁ... !' ବାପାଙ୍କ କଣ୍ଠରେ କୋହ.. ! ବବଲୁ ସବୁ ବୁଝି ପାରିଲା। ବାପା ବୋଉକୁ ଲୁଚି ତାକୁ ଏସବୁ ଜଣାଇଛନ୍ତି।

ଘରେ ପହଞ୍ଚିଲା ବେଳକୁ ସବୁ କିଛି ଓଲଟ ପାଲଟ ହୋଇ ସାରିଥିଲା ଯେମିତି। ପୂର୍ବ ରାତିରେ ବୋଉ ପ୍ରବଳ ବାନ୍ତି କରି ଶୋଇଛି ଯେ ଆଉ ନିଦରୁ ଉଠିନାହିଁ ବୋଲି ଶୁଣିଲା ବାପାଙ୍କଠାରୁ। ବଡ଼ ଅସହାୟ ଦିଶୁଥିଲେ ବାପା।

ତୁରନ୍ତ ଆମ୍ବୁଲାନ୍ସରେ ବୋଉକୁ ହସ୍ପିଟାଲ ନେଇଗଲା ବବଲୁ। ଡାକ୍ତରଙ୍କ କଥାରେ ନିଜ କକ୍ଷପଥରୁ ଯେମିତି ଛିଟିକି ପଡିଲା ବବଲୁ। କାଲି ରାତିରୁ ବୋଉ କୋମାକୁ ଚାଲିଯାଇଥିଲା ବୋଲି ଶୁଣିଲା ଡାକ୍ତରଙ୍କଠାରୁ ତ ବବଲୁ ବିଶ୍ୱାସ ହରାଇ ବସୁଥିଲା। ସବୁ ପରୀକ୍ଷା ନିରୀକ୍ଷା ପରେ ବବଲୁ ଜାଣିଲା, ବୋଉକୁ ତା'ର ବ୍ରେନ ଟ୍ୟୁମର।

ଅପରେସନ ଅବା ସବୁ ଚିକିତ୍ସା ପଦ୍ଧତି କେବଳ ଔପଚାରିକ ଦୃଷ୍ଟିରୁ ଚାଲୁଥିଲା। ଯଦିଓ ବାପା, ରିତୁ ଦିଦି ଏବଂ ନିଜେ ବବଲୁ ଜାଣିଥିଲା ଯେ ଉଷୁନା ଧାନରେ ଗଜା କେବେ ସମ୍ଭବପର ନୁହେଁ। ବୋଉର ସ୍ୱର ସବୁଦିନ ପାଇଁ ହଜିଗଲା ତା'ର ଚିତାଗ୍ନିରେ।

+କୁଞ୍ଜବିହାରୀ ଲେନ, କଟକ

# ଭବାନୀପାଟଣାଠାରେ ସମସ୍ତ ରାଜନୈତିକ ଦଳକୁ ନେଇ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବୈଠକ

ଭବାନୀପାଟଣା,୧/୦୯ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ତ୍ରୁଟିଶୂନ୍ୟ ସଂକ୍ଷିପ୍ତ ଭୋଟର ତାଲିକା କାର୍ଯ୍ୟକ୍ରମ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ୨୦.୦୮.୨୦୨୪ ରୁ ଆରମ୍ଭ ହୋଇଥିବା ଓ ୧୮.୧୦.୨୦୨୪ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ବି.ଏଲ.ଓ. ମାନେ ଘରକୁ ଘର ଯାଇ ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ ସହ ଫୋଟୋ ସମ୍ବନ୍ଧିତ କାର୍ଯ୍ୟକ୍ରମକୁ ତଦାରଖ କରିବେ । ଆସନ୍ତା ୨୦୨୫ ମସିହା ଜାନୁଆରୀ ୧ ତାରିଖ ସୁଦ୍ଧା ନୂତନ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ , ମୃତ୍ୟୁବରଣ କରିଥିବା ଭୋଟରଙ୍କ ନାମ ବାଦ, ଅନୁପସ୍ଥିତି, ବିବାହଜନିତ ଅଦଳବଦଳ, ସଠିକ ଫୋଟୋ ଓ ଠିକଣା ସଂଶୋଧନ କରି ଆସନ୍ତା ୦୬.୦୧.୨୦୨୫ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ହେବ । ଏହା ବ୍ୟତୀତ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ତାରିଖ ନିର୍ଦ୍ଧାରଣ କରି ଶିବିରର ଆୟୋଜନ ମଧ୍ୟ କରାଯିବ ଓ ଆପତି ଅଭିଯୋଗ ଥିଲେ ୨୯.୧୦.୨୦୨୪ ରୁ ୨୮.୧୧.୨୦୨୪ ମଧ୍ୟରେ ଏହା ଗ୍ରହଣ ହେବ ।

ପ୍ରକାଶ ଥାଉ କି, କଳାହାଣ୍ଡି ଜିଲ୍ଲାରେ ତଥ୍ୟ ଅନୁସାରେ ୫ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୪୧୦ ଟି ପୋଲିଂ ବୁଥ ସହ ୩୦.୦୮.୨୦୨୪ ପର୍ଯ୍ୟନ୍ତ ୧୨୦୯୦୦୭ ଜଣ ଭୋଟର ତାଲିକାଭୁକ୍ତ ଅଛନ୍ତି ଓ ଏଥିରୁ ୬୦୬୦୬୨ ଜଣ ପୁରୁଷ, ୬୦୨୮୭୭ ଜଣ ମହିଳା ଓ ୬୦୨୮୭୭ ଜଣ ମହିଳା ଓ ୬୮ ଜଣ ତୃତୀୟ ଲିଙ୍ଗ ଅଟନ୍ତି । ୧୮ ବର୍ଷ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ସୁସ୍ଥ ଗଣତନ୍ତ୍ର ପାଇଁ ନିର୍ଭୁଲ ଭୋଟର ତାଲିକା କେତେ ଜରୁରୀ ତାହା ଉପରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳ ର ସହଯୋଗକୁ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।

ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳ ର ପ୍ରତିନିଧି ରୂପେ ବିଜେପି ଦଳରୁ ଜୟ ଶଙ୍କର ନାଏକ , ବିଜେଡ଼ି ଦଳରୁ ଭବାନୀ ଶଙ୍କର ନିଆଲ, ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ଉତ୍ସବ ସାହୁ , ଆମ ଆଦମି ପାର୍ଟିରୁ ସତ୍ୟ ନାରାୟଣ ମାହାର, ବହୁଜନ ସମାଜ ପାର୍ଟିରୁ ସୟଦ ହନିଫ, କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆରୁ ନବ ପଟ୍ଟନାୟକ ଙ୍କ ସହ ଭାରପ୍ରାପ୍ତ ଉପଜିଲ୍ଲାପାଳ, ଭବାନୀପାଟଣା ଜୟଦେବ ଦାସ, ଡେପୁଟି କଲେକ୍ଟର ( ନିର୍ବାଚନ ) ଚନ୍ଦ୍ରହାସ୍ୟ ମହାନନ୍ଦିଆ, ଆସିଷ୍ଟାଂଟ ଡ୍ରାଇରେକ୍ଟର ( ସେଭିଙ୍ଗ ଓ ଫାଇନାନ୍ସିଆଲ ) ବିବେକାନନ୍ଦ ମହାନନ୍ଦ, ଡି.ଆଇ.ପି.ଆର.ଓ ମନୋଜ ବେହେରା, ସହକାରୀ ଜିଲ୍ଲାପାଳ ( ଉପ ଜିଲ୍ଲାପାଳ ) ପ୍ରିୟ ରଞ୍ଜନ ସେଠଙ୍କ ସହ ନିର୍ବାଚନ ଶାଖାର କର୍ମଚାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବଲାଙ୍ଗୀର ମ୍ୟୁନିସିପାଲଟି କାର୍ଯ୍ୟାଳୟଠାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ବଲାଙ୍ଗୀର,୧/୦୯ (ନି.ପ୍ର): ବଲାଙ୍ଗୀର ମ୍ୟୁନିସିପାଲଟି କାର୍ଯ୍ୟାଳୟ ଠାରେ ସ୍ୱାୟତଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜାତୀୟ ପତାକା ଉତୋଳନ ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ । ବଲାଙ୍ଗୀର ସହରକୁ ସ୍ୱଚ୍ଛ, ନିର୍ମଳ କରିବା ସହିତ ଉନ୍ନତି ପଥରେ ବଲାଙ୍ଗୀରକୁ ଆଗେଇ ନେବାକୁ ସମସ୍ତେ ଶପଥ ନେଇଥିଲେ । ବଲାଙ୍ଗୀର ମ୍ୟୁନିସିପାଲଟିକୁ ପିଏମ୍ ସେବାନିଧି ସମ୍ମାନ ମିଳିଥିବାରୁ କର୍ମଚାରୀ ସମେତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଦିନରେ ମଧ୍ୟ ପୌର କର୍ମଚାରୀ ଏଭଳି ସମସ୍ତେ ମିଳିମିଶି କାମ କରିବାକୁ ଶ୍ରୀମତୀ ସାହୁ ଆହ୍ୱାନ ଦେଇ ଉତ୍ସାହିତ କରିଥିଲେ । ଏହାପରେ ମ୍ୟୁନିସିପାଲଟି କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଉପ ପୌରାଧକ୍ଷା ଗାୟତ୍ରୀ ଭୋଇ, ସମସ୍ତ ୱାର୍ଡ଼ର ନିର୍ବାଚିତ କାଉନସିଲର, ମ୍ୟୁନିସିପାଲଟିର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀମାନେ ଉତ୍ସବ ଓ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ସଚେତନତାର ବାର୍ତା ଦିଆଯାଇଥିଲା । ସେହିଭଳି ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଥିବା ଓସ୍ୱାନ ହଲ୍ ଠାରେ ଏକ ବୈଠକର ଆୟୋଜନ ହୋଇଥିଲା । ଏଥିରେ ଆଭାସୀ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗଦେଇଥିଲେ । ବଲାଙ୍ଗୀର ମ୍ୟୁନିସିପାଲଟି ପିଏମ୍ ସେବା ନିଧି ସମ୍ମାନ ପାଇଥିବାରୁ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଆଗାମୀ ଦିନରେ ମଧ୍ୟ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ କରିଥିଲେ । ସ୍ୱାୟତଶାସନ ଅବସରରେ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମ୍ୟୁନିସିପାଲଟି କର୍ମଚାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।

# ମହିଳା ଉଚ୍ଚ ବିଦ୍ୟାଳୟରେ ସମ୍ବାଦ ସାହିତ୍ୟ ଘର ତରଫରୁ ବୃକ୍ଷ ରୋପଣ

ଚମ୍ପୁଆ,୧/୦୯ (ନି.ପ୍ର): ଚମ୍ପୁଆ ସମ୍ବାଦ ସାହିତ୍ୟ ଘର ର ସଭାପତି ରମା କାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ମହିଳା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଲିମ୍ବ, କରଞ୍ଜ, ବେଲ, ଆକାସିଆ ଆଦି ବୃକ୍ଷ ରୋପଣ କରା ଯାଇଥିଲା । ଏଥିରେ ମୋଟ୍ ୧୮୦ ଗୋଟି ଚାରା ରୋପଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହିଳା ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଭକ୍ତ ବନ୍ଧୁ ପ୍ରଧାନ, ହରିହର କବି, ପରେଶ୍ ଚନ୍ଦ୍ର ପ୍ରଧାନ, ତ୍ରିନାଥ ମହାନ୍ତ, ଦୀପକ କୁମାର କରଙ୍କ ସମେତ ଛାତ୍ରୀ ମାନେ ବୃକ୍ଷ ରୋପଣ କରିଥିଲେ ।

# ଭାରତୀୟ କିଶାନ ସଂଘ ବଲାଙ୍ଗିରର ଜିଲ୍ଲାସ୍ତରୀୟ ବୈଠକ

ବଲାଙ୍ଗିର,୧/୦୯ (ନି.ପ୍ର): ବଲାଙ୍ଗିର ର ଅର୍ଯ୍ୟ ସମାଜ ମନ୍ଦିର ପ୍ରାଙ୍ଗଣରେ ଭାରତୀୟ କିଶାନ ସଂଘର ଜିଲ୍ଲା ସ୍ତରୀୟ ବୈଠକ ଡ. ଶଶି ଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି । ତହିଁ ରେ ଭାରତୀୟ କିଶାନ ସଂଘ ଓଡିଶାର କାର୍ଯ୍ୟକାରିଣି ସଦସ୍ୟ ରାଧାକୃଷ୍ଣ ମେହେର ମାର୍ଗଦର୍ଶକ ଭାବରେ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଜିଲ୍ଲା, ବ୍ଲକ, ଗ୍ରାମ ସମିତି ଗଠନ ତଥା ସକ୍ରିୟ ହେବା ସମ୍ବନ୍ଧରେ ସମସ୍ତେ ନିଜ ନିଜ ମତ ପ୍ରକାଶ କରିଥିଲେ । ଆଗରୁ ଗୁଗୁଲ ମିଟ୍ ହୋଇଥିଲା ଓ ତହିଁରେ କିଛି ସୁବିଧା ଅସୁବିଧା ବା ଜାଣିଥିବେ ବା ନ ଜାଣିଥିବେ ତହିଁର ପୁଙ୍ଖାନୁପୁଙ୍ଖ ଆଲୋଚନା ତଥା ପ୍ରତ୍ୟକ୍ଷ ଭାବରେ ଜାଣିବା ପାଇଁ ନିଜ ନିଜ ମୋବାଇଲ କୁ ଲିଙ୍କ ପଠାଇ ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଶ୍ରୀ ସାହୁ ପ୍ରତ୍ୟେକଙ୍କ ମୋବାଇଲ ଦେଖି ଅନ୍ୟ ସମସ୍ତଙ୍କ ପାଖକୁ ଯାଇ ସମ୍ପୂର୍ଣ୍ଣ ଧାରଣା ଦେବା କାର୍ଯ୍ୟ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟ କାର୍ଯ୍ୟକର୍ତା ମାନେ ଚନ୍ଦ୍ରଭାନୁ ପ୍ରଧାନ, ମଧୁସୁଦନ କ୍ଷେତି, ହୁକୁମରାଜ ସାହୁ, ରାଜୁ ମାହାର, ସନ୍ତୋଷ ପ୍ରଧାନ, ବୈଦ୍ୟନାଥ କରନ, କିଶୋର ଚନ୍ଦ୍ର ଭୋଇ, ବିକାଶ ପ୍ରଧାନ, ସୁଧାମୟ ପଟେଲ, ସୁବାଷ କରନ, ପ୍ରେମରାଜ ପ୍ରଧାନ, ଜଗତ ନାଏକ ଓ ଅନ୍ୟମାନେ ଉପସ୍ଥିତ ରହି ନିଜ ନିଜ ମତ ପ୍ରକାଶ କରିଥିଲେ । ସଦସ୍ୟତା ବହି ସଂଗ୍ରହ ପାଇଁ ତାରିଖ ଧାର୍ଯ୍ୟ କରି ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତାମାନଙ୍କୁ ଶିଘ୍ର ଡକାଇବା ସିଦ୍ଧାନ୍ତ ହେଲା । ଏତଦ୍ ବ୍ୟତିତ ଚାଷୀର ସମସ୍ୟା ତଥା ବଲାଙ୍ଗିର ଜିଲ୍ଲା ଚିନି କଳକୁ ଚାଷିମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଭାରତୀୟ କିଶାନ ସଂଘ ନେଉଥିବା ପଦକ୍ଷେପ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ସୋସାଇଟି ମାନଙ୍କରେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ ସମ୍ବନ୍ଧରେ କୌଣସି ଅସୁବିଧା ନ ହେବା ତଥା ଭାରତୀୟ କିଶାନ ସଂଘ ଡିଆରସିଏସ୍ ସମ୍ମୁଖରେ ନେଇଥିବା ପଦକ୍ଷେପ ସମ୍ବନ୍ଧରେ ସଭାପତି ପ୍ରକାଶ କରିଥିଲେ । ଇତି ମଧ୍ୟରେ ଭାରତୀୟ କିଶାନ ସଂଘ ପାଇଁ ଜିଲ୍ଲା ସ୍ତରରେ ଏକ କାର୍ଯ୍ୟାଳୟ ଆବଶ୍ୟକତା ମତ ପ୍ରକାଶ କରିଥିଲେ । ଶେଷରେ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଠ ମାସ ହେବ ବସିନି ଚମ୍ପୁଆ ପଂଚାୟତ ସମିତି ବୈଠକ: ତେଜୁଛି ଅସନ୍ତୋଷ

ଚମ୍ପୁଆ,୧/୦୯ (ନି.ପ୍ର): ଆଠ ମାସ ହେଲାଣି ବସିନାହିଁ ପଂଚାୟତ ସମିତି ବୈଠକ । ଏହାକୁ ନେଇ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗୁଛି । ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ପଂଚାୟତ ସମିତି ବୈଠକ ଆଠ ମାସ ହେବ ବସିନଥିବାରୁ ଅଟକି ଯାଇଛି ବିକାଶର ରଥ । ଗତ ଡିସେମ୍ବର ମାସରେ ପଂଚାୟତ ସମିତି ବୈଠକ ବସି ଥିବାବେଳେ ଏହା ଭିତରେ ଦୀର୍ଘ ଆଠ ମାସ ବିତି ଯାଇଥିଲେ ସୁଦ୍ଧା ବୈଠକ ବସିପାରୁ ନାହିଁ । ପଂଚାୟତ ସମିତି ବୈଠକ ଠିକ୍ ସମୟରେ ହେଉ ନଥିବାରୁ ଜନ ପ୍ରତିନିଧିମାନେ ନିଜ ପଂଚାୟତର କାର୍ଯ୍ୟକ୍ରମ ବିଷୟରେ ଜାଣିପାରୁ ନାହାଁନ୍ତି । ଏହାଦ୍ୱାରା ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି । ନିୟମ ଅନୁସାରେ ପ୍ରତି ୨ ମାସରେ ଥରେ ପଂଚାୟତ ସମିତି ଅଧିବେଶନ କରିବା କଥା ହେଲେ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । ପୂର୍ବରୁ ମଧ୍ୟ ଚମ୍ପୁଆ ବ୍ଲକରେ କେବେ ୬ ମାସରେ ତ କେବେ ୮ ମାସରେ ଏହି ବୈଠକ ବସୁଥିବା ନଜିର ରହିଛି । ତେବେ ଏହାକୁ ନେଇ ଚମ୍ପୁଆ ବି.ଡି.ଓ. ରାଜା ରଣଜିତ ପ୍ରତାପ ବଳଙ୍କୁ ଯୋଗାଯୋଗ କରାଯିବାରୁ ଗତ ଡିସେମ୍ବର ମାସରେ ବୈଠକ ବସିଥିଲା । ଏହାଭିତରେ ନିର୍ବାଚନ ଆଚରଣବିଧି ଓ ଏବେ ବିଧାନସଭା ଚାଲୁଥିବାରୁ ଏହି ବୈଠକ ବସିପାରି ନାହିଁ । ତେବେ ବିଧାନସଭା ଶେଷ ହେବା ମାତ୍ରେ ବୈଠକ ଡକାଯିବ ବୋଲି ସୂଚନା ଦେଇଛନ୍ତି ।

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ କୃଷ୍ଣବଳରାମ ବେଶ

ପୁରୀ,୧/୦୯ (ନି.ପ୍ର): ଭାଦ୍ରବ ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉ ମାନଙ୍କ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଛି । ଏହି ବେଶ ବହୁତ ଆକର୍ଷଣୀୟ ତଥା ମନୋରମ । ମଧ୍ୟାହ୍ନ ଧୂପ ବଢ଼ିଲା ପରେ ଶ୍ରୀବଳଭଦ୍ରଙ୍କୁ ବଳରାମ ରୂପରେ, ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପରେ ଓ ଦେବୀ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ବେଶରେ ସୁସଜ୍ଜିତ କରାଯାଇଛି । ଶ୍ରୀକୃଷ୍ଣଙ୍କର ବାଲ୍ୟ କାଳରେ ଗୋ ବତ୍ସା ଚାରଣର ବାତାବରଣ ସ୍ପଷ୍ଟ ପ୍ରତୀୟମାନ ହୋଇଛି ଏହି ବେଶରେ । ଏହି ବେଶରେ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ରଙ୍କ ଦୁଇ ହସ୍ତ ଓ ସୁଭଦ୍ରାଙ୍କ ୪ ହସ୍ତ ଲାଗି ହୋଇଥିଲା । ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଛନ୍ଦା ପୟର ଭଙ୍ଗୀରେ ଦଣ୍ଡାୟମାନ ଥିଲେ । ଦେବୀ ସୁଭଦ୍ରା ରତ୍ନସିଂହାସନ ଉପରେ ଖଞ୍ଜାଯାଇଥିବା ଏକ କାଷ୍ଠ ସିଂହାସନ ଉପରେ ଉପବେଶନ ଭଙ୍ଗୀରେ ବସିଥିଲେ । ଏତଦ୍ ବ୍ୟତୀତ ବାଙ୍କ ଚୂଳ କିରୀଟ ସୁଶୋଭିତ ଶ୍ରୀଜଗନ୍ନାଥଙ୍କ ହସ୍ତରେ ବଂଶୀ ଓ ପଦ୍ମ, ଶ୍ରୀବଳଭଦ୍ରଙ୍କ ଡାହାଣ ହସ୍ତରେ ଶିଂଘା ଓ ବାମ ହସ୍ତରେ ପଦ୍ମ ସହ କିରୀଟି ଉପରେ ସପ୍ତଫେଣୀ ନାଗ ଶୋଭା ପାଉଥିଲା । ବାଙ୍କ ଚୂଳ କିରୀଟି ଉପରେ ପତ୍ର ଲଗା କଦମ୍ବ ଫୁଲ, ଦେଢ଼ି, ମଲ୍ଲ କଢ଼ି, ଚନ୍ଦ୍ର, ଚିତା, ନାକଚଣା, ହାତ ଫେର, ଖଡୁ, ଶ୍ରୀପୟରରେ ପାଉଁଜି, ବାଙ୍କି, ପାହୁଡ଼, ଗୋଡ଼ମୁଦି ଇତ୍ୟାଦି ସଜ୍ଜିତ ହୋଇଥିଲା । ଦେବୀ ସୁଭଦ୍ରା ଏହି ବେଶରେ ୪ ହସ୍ତ ଅଭୟ ବରଦ, ପାଶ, ଅଙ୍କୁଶ ଧାରଣ କରିଥିଲେ । ରତ୍ନସିଂହାସନରେ ବିରାଜିତ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ଦୁଇ ପାଖରେ ନନ୍ଦ, ଯଶୋଦା, ବସୁଦେବ, ଦେବକୀ, ଗୋପାଳ ବାଳକ, ଗୋପୀ, ବ୍ରହ୍ମା, ଇନ୍ଦ୍ର, ନାରଦ ରୋହିଣୀ ଆଦି ଦଣ୍ଡାୟମାନ ଭଙ୍ଗୀରେ ରହିଥିଲେ । ଯଦି ରଘୁନାଥ ବେଶ ତୁଳନାରେ ଦେଖାଯାଏ ତେବେ କୃଷ୍ଣ ବଳରାମ ବେଶ ମଧ୍ୟ ସେହିପରି ବିଶାଳ ରୂପରେ ହୋଇଥାଏ । ଏହି ବେଶ ଥାଇ ଶ୍ରୀଜୀଉମାନଙ୍କ ସାନ୍ଧ୍ୟ ଧୂପ ଅନୁଷ୍ଠିତ ହୋଇଥିଲା । ଏହି ବେଶ ବିଳମ୍ବିତ ରାତ୍ରୀ ଯାଏ ଦର୍ଶନ କରିପାରିଥିଲେ ଭକ୍ତ । ତପରେ ବେଶ ଓଲାଗି ହୋଇ ଅନ୍ୟ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀଜୀଉମାନଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଭାଦ୍ରବ କୃଷ୍ଣ ପକ୍ଷ ଦ୍ୱାଦଶୀ ତିଥିରେ ଗତକାଲି ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ରଙ୍କ ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହୋଇଛି । ସେହିପରି ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ରତ୍ନ ସିଂହାସନ ଉପରେ ଶ୍ରୀଜୀଉଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହୋଇଥିଲା ।

# ରାଜଭବନରେ ନୂଆଁଖାଇ ପାଳନ ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ

ସମ୍ବଲପୁର,୧/୦୯ (ନି.ପ୍ର): ପଶ୍ଚିମ ଓଡିଶାର କୃଷିଭିତିକ ମହାନ ଗଣପର୍ବ ନୂଆଁଖାଇ ଓଡ଼ିଶାର ରାଜଭବନରେ ପାଳନ କରିବାପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଣ୍ଠା ପକ୍ଷରୁ ଗତକାଲି ମଧ୍ୟାହ୍ନରେ ଅନୁରୋଧ କରାଯାଇଛି । ଅଗ୍ରଣୀ ଅନୁଷ୍ଠାନ 'ଉତ୍କଣ୍ଠା'ର ସାଧାରଣ ସମ୍ପାଦକ ଡାକ୍ତର ସଞ୍ଜିବ କୁମାର ମିଶ୍ର ଏବଂ ସାମ୍ବାଦିକ ରାଜାରାମ ପାଢ଼ୀ ଗତକାଲି ମଧ୍ୟାହ୍ନରେ ଭୁବନେଶ୍ୱର ରାଜଭବନରେ ମହାମହିମ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ଏହି ଅନୁରୋଧ ଏହି କରିଛନ୍ତି । ଏହି ଆଲୋଚନା ଅବସରରେ ଉଭୟେ ମହାମହିମ ରାଜ୍ୟପାଳଙ୍କୁ ପଶ୍ଚିମ ଓଡ଼ିଶାର ଏହି କୃଷିଭିତିକ ମହାନ ଗଣପର୍ବ ପାଳନର ମହତ ଦର୍ଶନ, ସାମାଜିକ ଆବେଦନ, ପରମ୍ପରା ଓ ମହତ୍ୱ ସଂକ୍ରାନ୍ତରେ ଜଣାଇଥିଲେ । ଅନ୍ନ ଓ ଆୟୁଷର ମହାନ ଗଣପର୍ବ ନୂଆଁଖାଇ କେବଳ ଏକ ପର୍ବ ନୁହେଁ, ଏଥିସହିତ ଓଡ଼ିଶାର କୃଷିଭିତିକ ଅର୍ଥନୀତିର ଆତ୍ମା କିଭଳି ଯୋଡ଼ି ହୋଇ ଓଡ଼ିଶାର ଲୋକ ସଂସ୍କୃତିକୁ କିଭଳି ଋଦ୍ଧିମନ୍ତ କରୁଛି ସେ ନେଇ ଆଲୋଚନା କରିଥିଲେ । ମହାମହିମ ରାଜ୍ୟପାଳ ଉତ୍କଣ୍ଠାର ଏହି ପ୍ରସ୍ତାବକୁ ସାକାରତ୍ମକ ଭାବେ ଗ୍ରହଣ କରି, ଏହି ପ୍ରସ୍ତାବ ସଂକ୍ରାନ୍ତରେ ସହୃଦୟତାର ସହିତ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥଲେ । ମହାମହିମ ରାଜ୍ୟପାଳଙ୍କ ଏହି ସହୃଦୟତାକୁ ଅନୁଷ୍ଠାନର ବରିଷ୍ଠ କାର୍ଯ୍ୟକର୍ତା ମହେନ୍ଦ୍ର ମିଶ୍ର, ଅନୀଲ ପାଣିଗ୍ରାହୀ, ସରୋଜ ସାହୁ, ନିରାକାର ପ୍ରଧାନ ପ୍ରମୁଖ ସ୍ୱାଗତ କରିଛନ୍ତି । ଏଭଳି ପଦକ୍ଷେପ ପଶ୍ଚିମ ଓଡିଶାର ଲୋକସଂସ୍କୃତିକୁ ମହିମନ୍ୱିତ କରିବ ବୋଲି ଆଶା ପ୍ରକଟ କରିଛନ୍ତି ।

# ମୃତ ଦାଦନ ଶ୍ରମିକ ସ୍ୱର୍ଗତ ଭୋଜରାଜ ପରୁଆଙ୍କ ପରିବାରଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି

ବଲାଙ୍ଗିର,୧/୦୯ (ନି.ପ୍ର): ପୁଇଁନ୍ତଲା ବ୍ଲକ ବୁଢେଲ ପଂଚାୟତ ଅନ୍ତର୍ଗତ ବେଲବାହାଲି ଗ୍ରାମର ଯୁବ ଦାଦନ ଶ୍ରମିକ ଭୋଜରାଜ ପରୁଆ (୩୫) ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁର କୋୟମ୍ବାଟୁର ଠାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସେଠାରେ ଛାତ ଉପରୁ ଖସିପଡି ଗତ ୨୨ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ଗତକାଲି ଗାଁ ଶ୍ମଶାନରେ ଶୋକାକୂଳ ପରିବେଶ ରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା । ସ୍ୱର୍ଗତ ପରୁଆଙ୍କ ସ୍ତ୍ରୀ ବସୁମତି, ପୁଅ ପ୍ରିୟାଂଶ (୧୨), ଝିଅ ପ୍ରିୟାଂଶୀ (୭) ଓ ବିଧବା ମା ଅଛନ୍ତି । ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳି ବେଲବାହାଲି ଗ୍ରାମକୁ ଯାଇ ସ୍ୱର୍ଗତ ପରୁଆଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ମୃତକ ପରିବାରଙ୍କୁ ସରକାରଙ୍କ ତରଫରୁ ୫୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବା ଓ ତାଙ୍କୁ ଦୁଇ ପୁଅ ଓ ଝିଅଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା ସହ ବିଧବା ସ୍ତ୍ରୀ ଏବଂ ମା ଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ପ୍ରଶାସନ ପାଖରେ ଦାବି ଜଣାଇଛନ୍ତି । ଉକ୍ତ ପ୍ରତିନିଧି ମଣ୍ଡଳିରେ ପୂର୍ବତନ ଜିଲ୍ଲା କଂଗ୍ରେସ ଉପ-ସଭାପତି ମନୀଷ ମିଶ୍ର, ପୂର୍ବତନ ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀ, ଯୁବ ନେତା ସାନନ୍ଦ ମିଶ୍ର, ସୌମ୍ୟଦୀପ ସରାଫ, ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ଲଳିତ ପଟେଲ, ଜିତୁ ମନହୀରା, ମନୋଜ ସାଏ, ଶ୍ୟାମ ସୁନ୍ଦର ସାଏ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଚର୍ଚ୍ଚାରେ ଶିକ୍ଷକ : ସ୍ପଷ୍ଟୀକରଣ ମାଗିଲେ ବିଇଓ

ମୁଖୀଗୁଡା,୧/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ପଂଚାୟତ ସମିତି ବୈଠକ ଗୃହରେ ଅନୁଷ୍ଠିତ ସୁଭଦ୍ରା ଯୋଜନା ନିମନ୍ତେ ପୂର୍ବ ପ୍ରସ୍ତୁତି ବୈଠକରେ ଜଣେ ଶିକ୍ଷକ ଯୋଗଦେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି । ସମ୍ପୃକ୍ତ ଶିକ୍ଷକଙ୍କୁ ଜୟପାଟଣା ବିଇଓ ସ୍ପଷ୍ଟୀକରଣ ମାଗିଥିବା ଜଣାଯାଇଛି । ଜୟପାଟଣା ପଂଚାୟତ ସମିତି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୮୩୦ ତା ୨୮।୮।୨୦୨୪ ଅନୁଯାଇ ଶୁକ୍ରବାର ଜୟପାଟଣା ପଂଚାୟତ ସମିତି ବୈଠକ ଗୃହରେ ଜୟପାଟଣା ବ୍ଲକ ଅନ୍ତର୍ଗତ ସିଏସସି, ଏମଏସକେ ଏବଂ ଆଧାର ଅପରେଟର ମାନଙ୍କ ସୁଭଦ୍ରା ଯୋଜନା ନିମନ୍ତେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା, ହେଲେ ଉକ୍ତ ବୈଠକରେ ଠେଲୋକମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀକାନ୍ତ ନାଏକଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିଲା । ଏନେଇ ଜୟପାଟଣା ବିଡ଼ିଓ ଶିକ୍ଷକଙ୍କୁ ପଚାରିବାରୁ ସେ ଛୁଟିରେ ଥାଇ ତାଙ୍କ ଭାଇଙ୍କ ଜାଗାରେ ସେ ନିଜେ ବୈଠକରେ ଉପସ୍ଥିତ ଥିବା ସଫେଇ ଦେଇଥିଲେ । ପରେ ବିଡ଼ିଓ ଜୟପାଟଣା ବିଇଓଙ୍କୁ ଜଣାଇବା ପରେ ସଂପୃକ୍ତ ଶିକ୍ଷକଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି । ବଡଟେମରି ମୋ ସେବାକେନ୍ଦ୍ରର ଭିଏଲଇ ନୀଳମଣି ନାଏକଙ୍କ ଅନୁପସ୍ଥିତିରେ ଶିକ୍ଷକ ଲକ୍ଷ୍ମୀକାନ୍ତ ନାଏକ ବୈଠକରେ ଯୋଗ ଦେଇଥିଲେ । ଶିକ୍ଷକ ଜଣକ ସ୍ୱାସ୍ଥ୍ୟ ଖରାପ ଥିବା ନେଇ ଛୁଟି ଦରଖାସ୍ତ ଦେଇ ବିଦ୍ୟାଳୟକୁ ନଯାଇ ସରକାରୀ କାର୍ଯ୍ୟକ୍ରମ ସୁଭଦ୍ରା ଯୋଜନା ନିମନ୍ତେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ରହିବା ଶିକ୍ଷକ ଜଣକ ନିଜ ଦାୟିତ୍ୱ ପ୍ରତି କେତେ ସଚେତନ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ବନଜ୍ୟୋସ୍ନା ସାହିତ୍ୟ ସଂସଦ, ଫୁଲବାଣୀ ତରଫରୁ ପିରୁକୁଡି ଉଚ୍ଚ ବିଦ୍ୟାଳୟରେ ଓଡିଆ ଅସ୍ମିତା ଏବଂ ଓଡିଆ ଭାଷାଭିତ୍ତିକ କାର୍ଯ୍ୟକ୍ରମ

କନ୍ଧମାଳ,୧/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ମାସାନ୍ତ ସାହିତ୍ୟ ଆସର ଓ ଏବଂ ଓଡିଆ ଅସ୍ମିତାଭିତିକ କାର୍ଯ୍ୟକ୍ରମ ଖଜୁରୀପଡା ବ୍ଲକ, ପିରୁକୁଡି ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଚଂଳର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଆଗ୍ରହ ଜନ୍ମାଇବା ସହ ସେମାନଙ୍କ ମନରେ ବକ୍ତୃତା, ତର୍କ, ସାଧାରଣ ଜ୍ଞାନ, କବିତା ଗଳ୍ପ ଲିଖନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଦୀର୍ଘ ୫ ବର୍ଷ ହେଲା ଏହି ପ୍ରୟାସ ଜାରି ରହିଛି । ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ସଂଯୋଜନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମେହେର ଯୋଗଦେଇ ଛାତ୍ର ଛାତ୍ରୀଙ୍କ ପଠନ ସ୍ପୃହା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପ ସଭାପତି ଶରତଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସଦସ୍ୟ ସୋମନାଥ ସାହୁ, କଳ୍ପନା ରାଣୀ ପାତ୍ର, ସୁଶ୍ରୀ ଶିବାନୀ ସୁଆର ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ସମ୍ପୃକ୍ତ ବିଦ୍ୟାଳୟ ଗ୍ରନ୍ଥାଗାରକୁ ବନଜ୍ୟୋସ୍ନା ତରଫରୁ ପ୍ରଶସ୍ତି ପତ୍ର ଏବଂ ବିଭିନ୍ନ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିଲା । ବୈଠକରେ ବିଦ୍ୟାଳୟର ଶିକ୍ଷକ ମାଧବ ଚନ୍ଦ୍ର କଟା, ନଶୀବ କୁମାର ପ୍ରଧାନ, ଶଂଘମିତ୍ରା ମହାକୁଡ, ବବିତା ସାହାଣୀ, ସସ୍ମିତା ସାବତ, ଏମ.ବି ଆଲକାନ୍ ଏବଂ ଅନ୍ୟମାନେ ସହଯୋଗ କରିଥିଲେ । ଆଗାମୀ ୧୪ ତାରିଖରେ କେରେଡି ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ଜିଲ୍ଲାପାଳଙ୍କୁ ସରପଂଚ ସଂଘର ୯ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସରପଂଚ ମହାସଂଘ ପକ୍ଷରୁ ଏକ ୯ଦଫା ଦାବିପତ୍ର ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ସରପଂଚ ସଂଘର ସଭାପତି ଚମେଲି ଓଝାଙ୍କ ନେତୃତ୍ୱରେ ଉପସଭାପତି ଅଶ୍ୱିନୀ କୁମାର ପାତ୍ର, ସଂପାଦକ ସଞ୍ଜୟ କୁମାର ସେଠୀଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ମହାତ୍ମାଗାନ୍ଧୀ ଗ୍ରାମୀଣ ଯୋଜନାର ଦେୟ ପଂଚାୟତ ଅନୁସାରେ ବଂଟନ କରାଯାଉ । ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର କାର୍ଯ୍ୟ ସରିଥିବାବେଳେ ତା'ର ଦେୟ ମିଳୁନାହିଁ । ପ୍ରତ୍ୟେକ ବ୍ଲକର ସମସ୍ତ ସରପଂଚଙ୍କ ପାଇଁ ବସିବା ଗୃହ ନିର୍ମାଣ, ସରପଂଚଙ୍କ ମାଧ୍ୟମରେ ପ୍ରତ୍ୟେକ ବ୍ଲକକୁ ଜିଲ୍ଲା ଅଫିସକୁ ଆସିବା କଥା କିନ୍ତୁ ପଂଚାୟତକୁ ନପଚାରି କାର୍ଯ୍ୟ କରୁଥିବାରୁ ସରପଂଚମାନେ କ୍ଷୋଭ ପ୍ରକାଶ କରିଛନ୍ତି । ସର୍ବଶିକ୍ଷା ଯୋଜନାରେ ପ୍ରତି ପଂଚାୟତରେ ବ୍ୟାଙ୍କ ଖାତା ଖୋଲିବାକୁ ସର୍ବ ସମ୍ମତି ନିଷ୍ପତି ଗ୍ରହଣ କରାଗଲା । ଇଲେକ୍ଟ୍ରି ବିଲ୍, ଗ୍ରାମୀଣ ଜଳ ଯୋଗାଣ ଏବଂ ପଂଚାୟତ ରାସ୍ତାରେ ଲଗାଯାଇଥିବା ଲାଇଟ୍‌ର ଅର୍ଥକୁ ସରକାର ବହନ କରିବାକୁ ଦାବି କରିଛନ୍ତି । ରାଜକନିକା ବରୁଣାଢିଆ ପଂଚାୟତର ସରପଂଚଙ୍କ ଇକୋ ସେଂସେଟିଭ ଜୋନ୍‌କୁ ଆଉ ବିସ୍ତାର ନକରି ତା'ର ପ୍ରାରମ୍ଭିକ ଏରିଆରେ ସମିତି ରଖାଯାଉ ଅଧିକ ବିସ୍ତାର ହେଲେ ଏହାର ପ୍ରଭାବ ଜିଲ୍ଲାର ୫ଟି ବ୍ଲକର ସାଧାରଣ ଜନଜୀବନ ଉପରେ ପଡ଼ିବ ବୋଲି ସରପଂଚ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି । ଖରସ୍ରୋତା ନଦୀ ବରୁଣ ଢିଅ ଠାରେ ମେଘା ୱାଟର ପ୍ରୋଜେକ୍ଟ ଆଳି କନିକାର ଜନସାଧାରଣ ଏହି ନଦୀ ଉପରେ ନିର୍ଭର କରୁଥିବାରୁ ବ୍ୟାପକ ପ୍ରଭାବ ପଡୁଛି । ଗ୍ରୀଷ୍ମ ଦିନରେ ଏହାର ଜଳ ଲୁଣିଆ ହେବାସହ ଜଳସ୍ତର କମିଯାଉଛି । ଯାହାଫଳରେ ସ୍ଥାନୀୟ ଚାଷୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି । ଏଣୁ ଏହାର ତଳମୁଣ୍ଡରେ ଇନ୍‌ଷ୍ଟିମ୍ବ ଗ୍ୟାରେଜ୍ ନିର୍ମାଣ କରି ସମୁଦ୍ରକୁ ବୋହି ଯାଉଥିବା ଜଳକୁ ରୋକିବା ପାଇଁ ଦାବି କରିଛନ୍ତି ।

# ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ




କପ୍ତିପଦା,୧/୦୯ (ନି.ପ୍ର): ଡ୍ରାଇଭର ମହାସଂଘ, କପ୍ତିପଦା ଆନୁକୂଲ୍ୟରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ରାଲି ବିଶୋଳ(ଖୁଣ୍ଟାପାଳ) କୃଭୁ ଜଗନ୍ନାଥଙ୍କ ମନ୍ଦିର ନିକଟରୁ ବାହାରି ବିଭିନ୍ନ ଗ୍ରାମ ଅତିକ୍ରମ କରି କପ୍ତିପଦା ବଜାର ପରିକ୍ରମା କରି ବଡବିଶୋଳ ଟୂର୍ଣ୍ଣାମେଣ୍ଟ ପଡିଆ ପହଞ୍ଚିଥିଲା । ଏହାପରେ ଏକ ସାଧାରଣ ସଭା ବ୍ଲକ ସଭାପତି ମଳୟ ଦାସବାବୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥିଭାବେ ଡ୍ରାଇଭର ମହାସଂଘର ଜିଲ୍ଲା ସଭାପତି ବିଜୟ ଦାସ ଯୋଗଦାନ କରି ଓଡିଶା ମହାସଂଘର ୮ଦଫା ଦାବୀ ଉପସ୍ଥାପନ କରିଥିଲେ । ଦାବୀଗୁଡିକ ହେଲା ଯଥା-୧-ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ,୨-ଜବସାଧାରଣଙ୍କ ଆକ୍ରୋଶରେ ଶୀକାର ହେଉଥିବା ଡ୍ରାଇଭରଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଇନର ପ୍ରଚଳନ,୩- ଗାଡି ପାର୍କିଂ ଓ ଡ୍ରାଇଭରଙ୍କ ବିଶ୍ରାମ ନେବାପାଇଁ ପାର୍କିଂସ୍ଥଳୀ, ବିଶ୍ରାମାଗାର ଓ ଶୌଚାଳୟର ବ୍ୟବସ୍ଥା ପ୍ରତି ଶହେ କିଲୋମିଟର ଅନ୍ତରରେ କରିବା,୪-ଓଡିଶା ମଟର ଟ୍ରାନସପୋର୍ଟ ଡ୍ରାଇଭର ଓ ଓାର୍କର ଓ୍ୱେଲଫେୟାର ବୋର୍ଡରେ ଆଟୋ ଡ୍ରାଇଭରମାନଙ୍କୁ ସାମିଲ,୫-ଓଡିଶାରେ ଥିନା ଖଣିଖାଦାନ ଓ କାରଖାନାରେ ଓଡିଶାର ଡ୍ରାଇଭରମାନଙ୍କୁ ଶତକଡା ୭୦ଭାଗ ନିଯୁକ୍ତି ଦାବୀ,୬- ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ସରକାରୀ ଘୋଷଣା କରାଯାଉ,୭-ପ୍ରତ୍ୟେକ ବୃତ୍ତଗତ ଡ୍ରାଇଭରଙ୍କୁ ସରାକାରୀ ଆବାସରେ ସାମିଲ କରାଯାଉ,୮-ହିଟ୍ ଏଣ୍ଡ ରନ୍ ପାଇଁ ଆସିଥିବା ନୂତନ ନିୟମକୁ କାର୍ଯ୍ୟେକାରୀ ନକରି ଡ୍ରାଭରମାନଙ୍କ ଉପସ୍ଥିତିରେ ଏହାରାପୁନଃ ବିଚାର କରାଯାଉ ପ୍ରମୁଖ ଦାବୀକୁ ଉପସ୍ଥାପନ କରି ଏହାକୁ ସରକାର ବିଚାର ପାଇଁ ଗଣମାଧ୍ୟମ ଜରିଆରେ ପଠାଇ ଦିଆଗଲା । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପସଭାପତି ଶିବାଜୀ ଦେହୁରୀ, ସଂପାଦକ ସର୍ବେଶ୍ୱର ବାରିକ୍, ସହ ସଂପାଦକ-ଗୋବିନ୍ଦ ବେହେରା, କୋଷାଧ୍ୟକ୍ଷ ମାୟାଧର ବେହେରା, ଉପଦେଷ୍ଟା ସୁମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଜେୟୁ ପକ୍ଷରୁ ମୟୁରଭଞ୍ଜଜିଲ୍ଲା ସାମ୍ବାଦିକ - ବୁଦ୍ଧିଜୀବୀ ସମ୍ମିଳନୀ



ବାରିପଦା , ୧/୯ (ନି.ପ୍ର): ଭାରତୀୟ ଗଣତନ୍ତ୍ର ରେ ମୁଖ୍ୟ ତିନୋଟି ସ୍ତମ୍ଭ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟ ପାଳିକା ର ସଠିକ ପରିଚାଳନା ପାଇଁ ଚତୁର୍ଥ ସ୍ତମ୍ଭ ଗଣ ମାଧ୍ୟମର ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଆଜି ବାରିପଦା ଷ୍ଟାଡିୟମ ସଭାଗୃହ ଠାରେ ଓଡିଶା ସାମ୍ବାଦିକ ସଙ୍ଘ (ଓ. ଜେ. ୟୁ. ) ମୟୁରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ସାମ୍ବାଦିକ ବୁଦ୍ଧିଜୀବୀ ସମ୍ମି ଳନୀରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ପାଳ ଶ୍ରୀଯୁକ୍ତ ନେତ୍ରାନନ୍ଦ ମଲ୍ଲିକ ଏବଂ ମୁଖ୍ୟବକ୍ତା ଭାବରେ ପ୍ରଫେସର ଡ଼. ପୁଷ୍ପା ପାତ୍ର ଯୋଗଦେଇ କହିଛନ୍ତି। ସମ୍ମାନିତ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ସମାଜସେବୀ ମୁରାରୀ ଲାଲ ଶର୍ମା, ଓଜେୟୁ ର ରାଜ୍ୟ ସଭାପତି ଶଶୀଭୁଷଣ ପ୍ରହରାଜ, ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ରାଜ୍ୟ କୋଷାଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ ଯୋଗଦେଇ ଭାରତୀୟ ଗଣତନ୍ତ୍ରରେ ଚାରୋଟି ସ୍ତମ୍ଭର ଗୁରୁତ୍ୱଓ ସ୍ଥିତି ଶୀର୍ଷକରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଅଭିଜିତ ମହାନ୍ତି ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିବା ବେଳେ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଡ଼ ଶ୍ୟାମସୁନ୍ଦର ଦାସ, ବରିଷ୍ଠ ସାମ୍ବାଦିକ ହରିଶଚନ୍ଦ୍ର ନନ୍ଦଗୋସ୍ୱାମୀ ପ୍ରମୁଖ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ଏହାର ସମାଧାନ ପାଇଁ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସର ରେ ଓଡିଶା ସାମ୍ବାଦିକ ସଙ୍ଘର ପ୍ରାକ୍ତନ ଜିଲ୍ଲା ସଭାପତି ସ୍ୱର୍ଗତଃ ସୁବାସ ମହାନ୍ତି ଙ୍କୁ ମରଣଉତ୍ତର ସମ୍ମାନ ସହ ହରେକୃଷ୍ଣ ତ୍ରିପାଠୀ ଙ୍କୁ ସୁବାସ ମହାନ୍ତି ସ୍ମୃତି ସମ୍ମାନ ଏବଂ ବିଭିନ୍ନ ସବଡ଼ିଭିଜନ ରୁ ଆନନ୍ଦ ଦାସ, ସନ୍ତୋଷ କୁମାର ମହାନ୍ତ, ନନ୍ଦ କିଶୋରେ କିସ୍କୁ ଏବଂ ସର୍ବେଶ୍ୱର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ ମଧୁ ସୁଦନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ଓଜେୟୁର ଜିଲ୍ଲା ସାଙ୍ଗଠନିକ ବୈଠକରେ କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ସମାପ୍ତ ହୋଇ ଥିବାରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆବାହକ ଭାବରେ ଦୀପକ କୁମାର ନାୟକ ଏବଂ ଶଶୀକାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭାବରେ ପ୍ରିୟବ୍ରତ ମିଶ୍ର ଏବଂ ମଧୁ ସୁଦନ ନନ୍ଦ, ଜିଲ୍ଲା ସଭାପତି ଭାବରେ ଅଭିଜିତ ମହାନ୍ତି, ଉପସଭାପତି ଭାବରେ ବିନ୍ଦୁସାର ଦାସ, କୃଷ୍ଣ ଚୈତନ୍ୟ ସଦୁଆଳ, ମଧୁସୂଦନ ଦାସ ଏବଂ ସୁବ୍ରତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଭାବରେ ଶାରଦା ପ୍ରସାଦ ବାରିକ, ସହ ସମ୍ପାଦକ ଭାବରେ ପାର୍ଥ ପ୍ରସନ୍ନ ମିଶ୍ର, ବିଷ୍ଣୁଚରଣ ପୁଥାଳ, ବିଦ୍ୟାଧର ପଣ୍ଡିତ ଏବଂ ଦୀପକ କୁମାର ଚୌଧୁରୀ, କୋଷାଧ୍ୟକ୍ଷ ଭାବରେ ରୁପମ ସ୍ୱାଇଁ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ଅବିନାଶ ମହାନ୍ତି, ଜୟନ୍ତ ଧଡା, ଲଲାଟେନ୍ଦୁ ପାତ୍ର, କ୍ଷୀରୋଦ ଚନ୍ଦ୍ର ଦାସ, ହରେକୃଷ୍ଣ ତ୍ରିପାଠୀ, ଅନୁପ କୁମାର ଦଣ୍ଡପାଟ, ଅତନୁ ତ୍ରିପାଠୀ, ଦିଲ୍ଲୀପ କୁମାର ପାତ୍ର ଏବଂ ସୟେଦ ସିରାଜୁଦ୍ଦିନ, ସଂଯୋଜକ ଭାବରେ ଶ୍ରୀକାନ୍ତ ନାଏକ, ଦିଲ୍ଲୀପ କୁମାର ମହାନ୍ତ, ଶ୍ରୀକାନ୍ତ ରାଉତ ନୂତନ କର୍ମକର୍ତ୍ତା ଭାବରେ ମନୋନୀତ ହୋଇ ଛନ୍ତି. ନୂତନ କର୍ମକର୍ତ୍ତା ମାନଙ୍କୁ ରାଜ୍ୟ ସଭାପତି ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଆରମ୍ଭ ହେଲା 'ସୁଭଦ୍ରା'...

ଅତିକମ୍‌ରେ ୨୧ ବର୍ଷ ହେଉଥିବା ଦରକାର। ପରେ ଜାତି ସଂପର୍କରେ ଥିବା ବକ୍ସରେ ଟିକ୍ ମାରିବାକୁ ହେବ। ମୋବାଇଲ ନମ୍ବର ବକ୍ସରେ ଆଧାର କାର୍ଡ ଲିଙ୍କ ହୋଇଥିବା ନମ୍ବର ଦେବାକୁ ହେବ। ବିକଳ୍ପ ଭାବେ ଆପଣ ଅନ୍ୟ ନମ୍ବର ମଧ ଦେଇପାରିବେ। ତା'ପରେ ଠିକଣା ଲେଖି, ଆଧାର ଲିଙ୍କ ଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେବାକୁ ହେବ। ପର ପୃଷ୍ଠାରେ ଥବା ଯୋଗ୍ୟତା ମାନଦଣ୍ଡ ଆଧାରିତ ଏକ ଘୋଷଣା ପତ୍ରକୁ ନିଜେ ଆବେଦନକାରୀ ଦସ୍ତଖତ କରି ଆବେଦନ କରିବେ। ଫର୍ମ ଫିଲଅପ୍ ପରେ ଏହା ସହ ନିଜର ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଓ ରାସନ କାର୍ଡର ଫଟୋକପି ଦେଇ ଅନଲାଇନରେ ସୁଭଦ୍ରା ପୋର୍ଟାଲରେ ଆବେଦନ କରିବେ। ଏହାପରେ ଆବେଦନ ଗ୍ରହଣ ପତ୍ର ଆଣିବାକୁ ଯେମିତ ନ ଭୁଲନ୍ତି, ଯେଉଁଥିରେ ଆପଣଙ୍କ ଆବେଦନ ପତ୍ରର ନମ୍ବର ରହିଥିବ। ସେପ୍ଟମ୍ବର ୧୭ ତାରିଖରେ ଯୋଜନା ଶୁଭାରମ୍ଭ ଦିନ କାର୍ଡ ସହ ପ୍ରଥମ କିସ୍ତି ପାଇବେ ହିତାଧିକାରୀ। ତା ପୂର୍ବରୁ ଆବେଦନ ପରେ ର-କଣଉ ଯାଞ୍ଚ କରି ହିତାଧିକାରୀ ତାଲିକା ଚୂଡାନ୍ତ ହେବ। ଯଦିଓ ପ୍ରାୟ ୧ କୋଟି ୮ ଲକ୍ଷ ମହିଳାଙ୍କୁ ସାମିଲ କରିବା ଲକ୍ଷ୍ୟ ଥିବା କୁହାଯାଉଛି, ହେଲେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ମଧ ଯୋଜନାରେ ସାମିଲ ହେବାର ଥିବାରୁ ଏହି ସଂଖ୍ୟା ଆହୁରି ବଢିପାରେ।

### ଦୁଷ୍କର୍ମ ପରେ...

ଲୋକେ ଏନେଇ ନାକଟିଦେଉଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଆଜି ସକାଳେ ରୀମାଙ୍କ କ୍ଷତବିକ୍ଷ ବସ୍ତ୍ର ବିହୀନ ମୃତଦେହ ଗାଁଠାରୁ ଗୋଟିଏ କିମି ଦୂରରେ ଥିବା ଝାର୍ବେଡ଼ା-ପାଣ୍ଡରିପଶି ଜଙ୍ଗଲରେ ପଡ଼ିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରୀମାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଗିରଫ ଦାବିରେ ସ୍ଥାନୀୟ ଲୋକେ ଝାରବେଡ଼ା-ପାଣ୍ଡରିପଶି ରାସ୍ତା ରୋକ କରିଥିଲେ। ଖବର ପାଇଁ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲା। ହେଲେ ଉତ୍ତ୍ୟକ୍ତ ଗାଁ ଲୋକେ ମୃତଦେହ ଜବତ କରିବା ପାଇଁ ପୁଲିସ୍‌କୁ ଦେଇନଥିଲେ। ଖବର ପାଇ ଘଟଣା ସ୍ଥଳରେ ନାକଟିଦେଉଳ ଥାନା ପୁଲିସ ସମେତ ରେଢ଼ାଖୋଲ ଏସଡିପିଓ, ନାକଟିଦେଉଳ ତହସିଲଦାର ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଅପରାହ୍ନରେ ମୃତଦେହ ଜବତ କରିବା ପାଇଁ ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍‌କୁ ଜଙ୍ଗଲ ଭିତରକୁ ଗାଁ ଛାଡ଼ିଥିବା ଜଣାପଡ଼ିଛି। ହେଲେ ଏବେ ମଧ ରାସ୍ତାରୋକ ଆନ୍ଦୋଳନ ଚାଲିଛି। ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଲୋକେ ଅଡି ବସିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୁଲିସ୍ ସାହ୍ୱୀ ଗାଁର ଜଣେ ବିବାହିତ ପୁରୁଷକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

### ଭିଜିଲାନ୍ସ ଟିମ୍‌କୁ ଦେଖି ...

ତାଙ୍କ ଘରୁ ୩୦ ଭରି ସୁନା ଗହଣା ମିଳିଥିବା ସୂଚନା ମିଳିଛି। ଏହା ସହିତ ତାଙ୍କର ଏକାଧିକ ପ୍ଲଟ ଠାବ କରାଯାଇଛି। ରାୟଗଡ଼ାରେ ଶ୍ରୀ ଚୌଧୁରୀଙ୍କର ୪ଟି ପ୍ଲଟ ଥିବା ବେଳେ ଟିକିରିରେ ଗୋଟିଏଅଛି। ସେହିପରି ଭୁବନେଶ୍ୱର ଓ କଟକରେ ମଧ ତାଙ୍କର ପ୍ଲଟ ଥିବା ଜଣାପଡ଼ିଛି। ଗତକାଲି ଜଣେ ଗାଁ ସାଥୀଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ। ଭିଜିଲାନ୍ସ ହାତରେ ଧରାପଡ଼ିବା ମାତ୍ରେ ସେ ଚେହା ହରାଇଥିଲେ ବୋଲି ଜଣାପଡ଼ିଛି। ତାଙ୍କୁ ଡାକ୍ତରଖାନାରେ ମଧ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କର ରାୟଗଡ଼ା ସ୍ଥିତ ବାସଭବନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ତାଙ୍କ ଘରୁ ୧୪ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି। ମନରେଗାରେ ଏକ ରାସ୍ତା ତିଆରି ହୋଇଥିବା ବେଳେ ଏହାର ମାପଚୁପ କରିବା ଓ ଏଥିରେ ନିୟୋଜିତ ଶ୍ରମିକଙ୍କ ପାରିଶ୍ରମିକ ରିଲିଜ୍ କରିବା ପାଇଁ ଜଣେ ଗାଁ ସାଥୀଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ।

### ଉପଦ୍ରବକାରୀଙ୍କୁ ବିଜେପି ...

ଭୟର ରାଜତ୍ୱ ପ୍ରତିଷ୍ଠା କରୁଛନ୍ତି। ଭିଡ଼ ଆକାରରେ ଲୁଚି ରହିଥିବା ଘୃଣା ସୃଷ୍ଟିକାରୀ ତତ୍ତ୍ୱମାନେ ଖୋଲାଖୋଲି ଭାବେ ଆଇନର ଶାସନକୁ ଚ୍ୟାଲେଞ୍ଜ କରି ହିଂସା ପ୍ରଚାର କରୁଛନ୍ତି। ଏହି ଦୁର୍ବୃତ୍ତମାନଙ୍କୁ ବିଜେପି ସରକାର ଖୋଲାହାତ ଦେଇଛି, ସେଥିପାଇଁ ସେମାନେ ଏପରି କରିବାକୁ ସାହସ ରଖିଛନ୍ତି। ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଜାରି ରହିଛି ଏବଂ ସରକାରୀ ବ୍ୟବସ୍ଥା ନିରବ ଦର୍ଶକ ଭାବରେ ଦେଖୁଛି।

### ଦକ୍ଷିଣ ଓଡ଼ିଶା ଓ ଉତ୍ତର...

ଲଘୁଚାପ ପ୍ରଭାବରେ ୪ ତାରିଖରୁ ପୁଣି ପ୍ରବଳ ବର୍ଷିବ। ପାଣିପାଗ ବିଜ୍ଞାନୀ ସଂଜୀବ ଦ୍ୱିବେଦୀ କହିଛନ୍ତି, ଚଳିତ ମୌସୁମୀ ସିଜିନରେ ରାଜ୍ୟରେ ଜୁନ ୧ରୁ ଏଯାବତ ୮୩୧. ୯ ମିମି ବର୍ଷା ରେକର୍ଡ ହୋଇଛି। ଏବେବି ୧୦ ପ୍ରତିଶତ ନିଅଁଟିଆ ବର୍ଷା ରହିଛି। ୯୦୬. ୫ ମିମି ବର୍ଷା ସ୍ୱାଭାବିକ ରହିବା କଥା। ବର୍ତ୍ତମାନ ସୁଦ୍ଧା ଗୋଟିଏ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିବା ଓ ୯ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

# ଜିଲ୍ଲାସ୍ତରୀୟ ଗୁରୁଜୀ ଗୁରୁମା ପ୍ରଶିକ୍ଷଣ ଶିବିର



ଜଳେଶ୍ୱର ୧/୯ (ନିପ୍ର) : ଆଜି ରବିବାର ଶିକ୍ଷା ବିକାଶ ସଂସ୍ଥାନ ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବ ପ୍ରାଥମିକ ବିଭାଗର ଗୁରୁଜୀ ଗୁରୁମାଙ୍କ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ସ୍ଥିତ ଖୁସି ପ୍ଲାଜା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରକୁ ଜିଲା ପ୍ରମୁଖ ଦିପ୍ତିକାନ୍ତ ପାଢୀ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ। ରାଜ୍ୟ ପ୍ରଶିକ୍ଷିକା ବସନ୍ତ ମଞ୍ଜରୀ ନନ୍ଦ, ଅଧ୍ୟାପକ ସଂଜିବ କୁମାର ମଣ୍ଡଳ, ଜିଲା ସହସଂଯୋଜକ ସମ୍ଭୁନାଥ ଯାଦବ ଯୋଗ ଦେଇ ଶୈକ୍ଷିକ, ବୈଚାରିକ, ଯୋଗ, ଡ୍ରଇଂ, ପ୍ରାର୍ଥନା, ଗୀତ ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଶହେରୁ ଉର୍ଦ୍ଧ୍ୱ ଗୁରୁଜୀ ଗୁରୁମା ପ୍ରଶିକ୍ଷଣ ନେଇଥିଲେ। ଜିଲା ସଂଯୋଜକ ରବିନାରାୟଣ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧/୯ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଅଧିନ କାକଟ ମଙ୍ଗଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବୀଣାପାଣି ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀମତୀ ଦାସ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ ସୁନାମ ଅର୍ଜନ କରି ବିଭିନ୍ନ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିଲେ। ପ୍ରଥମେ ରାମକଣୀ ପ୍ରାଥମିକ ବିଦ୍ୟାଳୟ, ମହାକାଳପଡା, ହାଟମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କେନ୍ଦ୍ରାପଡା, ମଧଖଣ୍ଡି ପ୍ରାଥମିକ ବିଦ୍ୟାଳୟ ଇଛାପୁର, ଫେଙ୍ଗର ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହରିଜନ କଲୋନୀ ପ୍ରାଥମିକ ବିଦ୍ୟାଳୟ ଓ ଶେଷଭାଗ ରେ କାକଟ ମଙ୍ଗଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ସୂଚାରୂ ରୂପେ ତୁଲାଇ ଗ୍ରାମବାସୀ ଓ ପିଲାମାନଙ୍କର ଆସ୍ଥାଭାଜନ ହୋଇଥିଲେ । ଆଜି ତାଙ୍କୁ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ, କମିଟିର ସଦସ୍ୟ ବୃନ୍ଦ ଓ ସ୍କୁଲ ଛାତ୍ରଛାତ୍ରୀ ମାନେ ଶ୍ରୀମତୀ ଦାସଙ୍କୁ ଉତରୀୟ, ଫୁଲଗୁଚ୍ଛ, ମାନପତ୍ର ପ୍ରଦାନ କରିଥିଲେ । ଏହି ପବିତ୍ର ମାଟିର ପୁଣ୍ୟ ଫଳରେ ଜନ୍ମଲାଭ କରି ଶିକ୍ଷା ଓ ଶିକ୍ଷାର୍ଥୀ ମାନଙ୍କର ଉନ୍ନତି ନିମନ୍ତେ ଯେଉଁ ମହାନ ଅବଦାନ ପ୍ରଦାନ କରି ଅଛନ୍ତି ସେହି ସଫଳତା ପାଇଁ ଆପଣଙ୍କ କର୍ମମୟ ଜୀବନ ଅବସର ସମୟରେ ସମର୍ଥନ ଲାଭ କରି ନିଜକୁ ଧନ୍ୟ ମନେ କରିବା ସଙ୍ଗେ ସଙ୍ଗେ ଆପଣଙ୍କ ଭବିଷ୍ୟତ ଜୀବନ ମଙ୍ଗଳମୟ କାମନା କରୁଅଛୁ ।

# ବ୍ୟଙ୍ଗ କବି ଅପର୍ତ୍ତି ସେଠୀ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୧/୯ (ନି.ପ୍ର): କେନ୍ଦ୍ରାପଡାର ଜଣାଶୁଣା ବ୍ୟଙ୍ଗ କବି ଅର୍ପତି ସେଠୀଙ୍କୁ ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ କୈବଲ୍ୟ ସାହିତ୍ୟ ସଂସଦ ଓ ଦେବକୀ, ଯଶୋଦା, ମାତୃକୃପା, ସାହିତ୍ୟ ସମ୍ମିଳନୀ ଆନୁକୂଲ୍ୟରେ ଅପର୍ତିଙ୍କୁ ଦେବକୀ, ଯଶୋଦା ସାରସ୍ୱର ସମ୍ମାନ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସଂପାଦକ ଡ଼ଃ ସଂଗ୍ରାମ କେଶରୀ ସାମନ୍ତରାୟ ଅଧକ୍ଷତା କରିଥିଲେ। ଡ଼ଃ ଦୀନବନ୍ଧୁ ମହାରଣା ମୁଖ୍ୟ ଅତିଥି ଓ ଡ଼ଃ ବିଦ୍ୟୁତ୍‌ପ୍ରଭା ଦେବୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ କବି ବିପିନ ବିହାରୀ ବାରିକ, କବି ଅଶୋକ ବେହେରା ପ୍ରମୁଖ ବହୁ ବୁଦ୍ଧିଜୀବି ଯୋଗ ଦେଇଥିଲେ ।

# ଶାନ୍ତିକାନନରେ ଡ. ମନୋରଂଜନ ନାୟକଙ୍କ ଚାରିଗୋଟି କବିତାଗ୍ରନ୍ଥ ଉନ୍ମୋଚିତ




ବାଲେଶ୍ୱର, ୧/୯ (ନି.ପ୍ର): ସାହିତ୍ୟ ସଭ୍ୟତା ନିର୍ମାଣ କରେ। ସାରା ବିଶ୍ୱରେ ଆଜି ଯୁଦ୍ଧର ବିଭୀଷିକା ଦେଖା ଦେଇଥିବାବେଳେ ସାହିତ୍ୟ ହିଁ କେବଳ ମଣିଷକୁ ମଣିଷପଣିଆ ସହ ଭେଟ କରାଇପାରିବାରେ ସମର୍ଥ ହେବ ବୋଲି କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଡ. ମନୋରଂଜନ ନାୟକଙ୍କ ଚାରିଗୋଟି କବିତାଗ୍ରନ୍ଥ ଉନ୍ମୋଚନ ଅବସରରେ ଉନ୍ମୋଚକ ତଥା 'ସମାଜ'ର ବରିଷ୍ଠ ସହସଂପାଦକ କୁଳମଣି ବାରିକ ମତ ପ୍ରକାଶ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ସାରସ୍ୱତ ସାଧକ ଡ. ହରିଶ୍ଚନ୍ଦ୍ର ବେହେରା, ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ. ରତ୍ନାକର ସିଂହ ଡ. ମନୋରଂଜନ ନାୟକଙ୍କ ଚାରିଗୋଟିଏ କବିତାଗ୍ରନ୍ଥ 'ଆସକ୍ତି', 'ସ୍ନେହ ପ୍ରତିବିମ୍ବ', 'ଅଭିବ୍ୟକ୍ତି' ଓ 'କୁହୁଡ଼ିବସା' ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ଲେଖକ ଡ. ନାୟକ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜୁଗପୁରା ରେଳ ଷ୍ଟେସନକୁ ପରିଦର୍ଶନ କଲେ ଡି.ଆର.ଏମ

ବେତନଟୀ, ୧/୯ (ନି.ପ୍ର): ଦକ୍ଷୀଣ-ପୂର୍ବ ରେଳପଥର ଖଡଗପୁର ଡିଭିଜନ ଡିଆରଏମ ଏମ କେ.ଆର ଚୌଧୁରୀ ଜୁଗପୁରା ରେଳ ଷ୍ଟେସନ ପରିଦର୍ଶନ କରିବା ସହିତ ଏହାକୁ ପୂର୍ଣ୍ଣ ଷ୍ଟେସନ ର ମାନ୍ୟତା ଦିଆଯିବାର ପ୍ରତିଶୃତି ଦେଇଥିଲେ। ଡିଆରଏମଙ୍କ ସହ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ରେଳଷ୍ଟେସନରେ ପହଞ୍ଚିବା ପରେ ଷ୍ଟେସନ ପରିଦର୍ଶନ କରିବା ସହିତ ମୂଖ୍ୟ ରାସ୍ତାରେ ଥିବା ନଂ୮ ଗେଟ୍ ଉପରେ ଏକ ଉଡନ୍ତା ପୋଲ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ବୋଲି ସୂଚନା ଦେଇଥିଲେ। ଏଥିସହିତ ନଂ ୭ ଗେଟ୍ ନିକଟରେ ଇଶାଣପୁର ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବିକୁ ଲକ୍ଷରେ ରଖି ଏକ ଅଣ୍ଡରପାସ ନିର୍ମାଣ ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଜଣାଇଥିଲେ। ଷ୍ଟେସନରେ ନୂତନ ବିଲଡିଂ ନିର୍ମାଣ , ପାଚେରୀ ନିର୍ମାଣ କରାଯିବା ସହିତ ସିଗନାଲ ସିଷ୍ଟମର ଆଧୁନିକୀକରଣ ଯୋଜନା ଥିବା ନେଇ ସୂଚନା ଦେଇଥିଲେ। ଏହି ଟିମରେ ରେଳବିଭାଗର ସିନିୟର ଡିସିଏମ, ସିନିୟର ଡିଇଜି, ସିନିୟର ଡିଓଏମ, ସିନିୟର ଡିଇଏନ, ସିନିୟର ଡିଜିପି, ଏଡିଏସଓଙ୍କ ସମେତ ପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ । କେନ୍ଦ୍ରସରକାରଙ୍କ ରେଳ ମନ୍ତ୍ରାଳୟ ପକ୍ଷରୁ ଅମୃତ ଭାରତ ଷ୍ଟେସନ ଯୋଜନାରେ ଭାରତର ଶତାଧିକ ଷ୍ଟେସନର ରୂପରେଖ ପରିବର୍ତ୍ତନ କରାଯାଉଥିବା ବେଳେ ଏଥିରେ ଏହାକୁ ମଧ ସାମିଲ କରାଯାଉଛି ବୋଲି ମତପ୍ରକାଶ କରିଥିଲେ। କ୍ଷେତ୍ର ବୁଲି ଦେଖିଥିବା ସହିତ ବିଭାଗୀୟ ଅଧିକାରୀଙ୍କ ସହିତ ଉନ୍ନତିକରଣ ବାବଦରେ ଆଲୋଚନା କରିଥିଲେ। ଅଞ୍ଚଳବାସୀଙ୍କ ମଧ୍ୟରେ ଅଶ୍ୱନୀ ମହାରଣା, ଭୋଳାନାଥ ନାଏକ, ଶମ୍ଭୁନାଥ ବେହେରା, ମହେଶ ମହାପାତ୍ର, ଗିରୀଶ ରାଉତ, ବୈଦ୍ୟନାଥ ସାହୁ, ସୃଷ୍ଟିଧର ରାଉତ ,ଅଜୟ ଦାସ, ଭୋଳାନାଥ ଲେଙ୍କା, ବିଜୟ ରାଉତ ପ୍ରମୂଖ ଉପସ୍ଥିତ ରହି ସମାସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।


# ଜିଲ୍ଲା ସ୍ତରୀୟ କ୍ରୀଡା ସମାରୋହ ୨୦୨୪ ଉଦ୍‌ଯାପିତ

ବେତନଟୀ, ୧/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରିଦିନ ଧରି ଚାଲିଥିବା ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗରେ ଜିଲ୍ଲାସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ୨୦୨୪ ଉଦଯାପିତ ହୋଇଯାଇଛି । ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜକ ବିଦ୍ୟାଳୟ ର ପ୍ରଧାନଶିକ୍ଷୟତ୍ରୀ ଗୀତା ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗ ଦେଇ କ୍ରୀଡ଼ାବିତମାନଙ୍କୁ ଆମର ଭବିଷ୍ୟତ ବୋଲି ଉତ୍ସାହିତ କରିବା ସହିତ ତୃଣ ମୂଳ ସ୍ତରରୁ ସେମାନଙ୍କୁ ସଠିକ ତାଲିମ ପ୍ରଦାନ କରି ଜିଲାସ୍ତରରୁ ଚୟନ ହୋଇଥିବା କ୍ରୀଡ଼ାବିତମାନେ ଯେପରି ରାଜ୍ୟସ୍ତରରେ ସଫଳତା ହାସଲ କରି ଜିଲାର ଗୌରବ ବୃଦ୍ଧି କରିବେ ସେଥିପାଇଁ କ୍ରୀଡ଼ାବିତ ମାନଙ୍କୁ ପରାମର୍ଶ ଦେଇଥିଲେ । ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଦ୍ୱାରସୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପିଇଟି ମିନତୀ ଜେନାଙ୍କ ସଂଯୋଜନା ରେ ଉକ୍ତ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବ୍ୟାଣ୍ଡ କାର୍ଯ୍ୟକ୍ରମ, ଅଁଳା ହାଇସ୍କୁଲ ର ଛାତ୍ରୀ ମାନଙ୍କ ଦ୍ୱାରା ଉଦଯାପନୀ ସଂଗୀତ ଓ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା।

# ଆଦିବାସୀ ଯୁବକକୁ ସଂଘବଦ୍ଧ ଆକ୍ରମଣ: ଯୁବକ ଗୁରୁତର, କଟକ ସ୍ଥାନାନ୍ତର

ନୀଳଗିରି, ୧/୯ (ନି.ପ୍ର): ନୀଳଗିରି ବ୍ଲକ ବରହମପୁର ଥାନା ଅନ୍ତର୍ଗତ ନଟାପଡା ଗ୍ରାମରେ ଚାଷ କାର୍ଯ୍ୟକୁ ନେଇ ଜଣେ ଆଦିବାସୀ ଯୁବକ ସମେତ ତାଙ୍କ ସ୍ତ୍ରୀଙ୍କୁ ସଂଘବଦ୍ଧ ଆକ୍ରମଣ ନେଇ ବରହମପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗୋବିନ୍ଦପୁରା ଗ୍ରାମର ବୁଦ୍ଧିରାମ ସିଂ ଏବଂ ତାଙ୍କ ସ୍ତ୍ରୀ ଲିଜାମଣି ସିଂ ଗତ ଅଗଷ୍ଟ ୨୯ତାରିଖ ଦିନ ପ୍ରାୟ ୧୨ଘଟିକା ସମୟରେ ଗୋବିନ୍ଦପୁରା ଗ୍ରାମ ନିକଟସ୍ଥ ନଟାପଡ଼ା ସୀମା ଚାଷ ଜମିରେ ଧାନ ରୁଇବା ସମୟରେ ନଟାପଡା ଗ୍ରାମର ଚିତ୍ତରଞ୍ଜନ ପାଣିଗ୍ରାହୀ (୫୬), ତାଙ୍କ ପୁଅ ଦେବାଶିଷ ପାଣିଗ୍ରାହୀ (୨୬), କିଶୋର କୁମାର ସ (୩୨), କିଶୋର ବିଶ୍ୱାଳ (୨୨) ଜୀବନ ବେହେରା (୨୨), ନିରଞ୍ଜନ ସ (୫୫) ଏକତ୍ରିତ ହୋଇ ଅଶ୍ଳୀଳ ଭାଷାରେ ଜାତିଗୋତ୍ର ନେଇ ଗାଳିଗୁଲଜ କରିବା ସହିତ ଧାନ ରୁଇବାକୁ ବାରଣ କରିଥିଲେ। ଏଥିରେ ଲିଜାମଣିଙ୍କ ସ୍ୱାମୀ ବୁଦ୍ଧିରାମ ପ୍ରତିବାଦ କରନ୍ତେ, ଉପରୋକ୍ତ ବ୍ୟକ୍ତି ମାନେ ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ । ଚିତ୍ତରଞ୍ଜନଙ୍କ ଠେଙ୍ଗା ମାଡ଼ରେ ବୁଦ୍ଧିରାମ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ଅନ୍ୟମାନେ ଲିଜାମଣିଙ୍କୁ ଟଣା ଘୋଷରା କରୁଥିବା ବେଳେ ଆଖପାଖରେ କାମ କରୁଥିବା ଶ୍ରମିକ ମାନେ ରୁଣ୍ଡ ହୋଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ସେମାନଙ୍କ ନିକଟରୁ ଉଦ୍ଧାର କରିବା ସହିତ ବରହମପୁର ମେଡିକାଲ ନେଇଥିଲେ। ବୁଦ୍ଧିରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ପ୍ରଥମେ ନୀଳଗିରି, ପରେ ବାଲେଶ୍ୱର ଏବଂ ଶେଷରେ କଟକ ସାବରମତି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଲିଜାମଣିଙ୍କ ଲିଖିତ ଏତଲାରୁ ଜଣାପଡ଼ିଛି। ତେବେ ଉଭୟ ସ୍ୱାମୀ ସ୍ତ୍ରୀ କଟକରେ ଚିକିତ୍ସିତ ହେଉଥିବାରୁ ଏତଲା ଦେବା ବିଳମ୍ବ ହେଉଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଛନ୍ତି।

# ଓଡିଶା ଅମଲା ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖାର ବୈଠକ



ଖୋର୍ଦ୍ଧା, ୧/୯ (ନି.ପ୍ର): ରାଜ୍ୟ ପ୍ରଶାସନ ରେ ମୌଳିକ ସେବା ପ୍ରଦାନରେ ଜିଲ୍ଲାସ୍ତରୀୟ ଅମଲା ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ପରିତାପର ବିଷୟ ଜନ ସଧାରଣ ସେବାରେ ଅହରହ ନିଯୁକ୍ତ ଏହି ବର୍ଗ କର୍ମଚାରୀମାନେ ସରକାରୀ ଅବହେଳା ର ଚରମ ଶିକାର। ଏହାକୁ ବିରୋଧ କରି ମାର୍ଚ୍ଚ - ୨୦୨୩ ରେ ରାଜ୍ୟ ସ୍ତରରେ ଚାରି ଗୋଟି ସଂଘ କୁ ନେଇ ଏକ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ ଗଠନ କରି ପୂର୍ବ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲା । ଗତ ୧.୬.୨୦୨୩ ରୁ ୧୭.୬.୨୦୨୩ ପର୍ଯ୍ୟନ୍ତ ଜିଲ୍ଲା ସ୍ତରର କାର୍ଯ୍ୟ ବନ୍ଦ୍ ଆନ୍ଦୋଳନ ମଧ୍ୟ କରିଥିଲା। ପୂର୍ବତନ ରାଜ୍ୟ ସରକାର ମିଥ୍ୟା ପ୍ରତିଶୃତି ଦେଇ କାର୍ଯ୍ୟ ବନ୍ଦ୍ ଆନ୍ଦୋଳନ କୁ ସ୍ଥଗିତ କରାଇ, ୧୫.୩.୨୦୨୪ ରେ ଏକ କିମ୍ଭୂତ କିମ୍ବାକର ନିର୍ଦ୍ଦେଶନାମା ଜାରି କରିଥିଲେ, ଯାହାକି ରାଜ୍ୟ ରେ ୩୦ ହାଜର ଅମଲାଙ୍କ ମଧରେ ନୈରାଶ୍ୟ ଜନକ ବାତାବରଣ ଖେଳିଯାଇଥିଲା। ସାଧାରଣ ନିର୍ବାଚନ - ୨୦୨୪ ରେ ରାଜ୍ୟ ସରକାର ପରିବର୍ତ୍ତିତ ହୋଇ, ବେ. ଜେ. ପି. ସରକାର ଆସିଲା ପରେ ଜିଲ୍ଲା ସ୍ତରର ଅମଲା ମାନଙ୍କ ମଧରେ ଆଶାର ସଂଚାର ହୋଇଛି, ଓ ଆମର ପୁରୁଣା ଦାବୀ ଯଥା:- କନିଷ୍ଠ ସହାୟକ ଙ୍କ ମୂଳ ଦରମା ଲେବୁଲ-୪ ରୁ ଲେବୁଲ-୯ କୁ ବୃଦ୍ଧି ଓ ଜିଲ୍ଲା ସ୍ଥରରେ ଥିବା କ୍ୟାଡର ର ଅସଂଗତି କୁ ଦୂର କରି ସମସ୍ତ ବିଭାଗ କୁ ସମାନ ସୁଯୋଗ ଦେବା ପାଇଁ ବର୍ତ୍ତମାନ ର ରାଜ୍ୟ ସରକାର ଙ୍କୁ ଅନୁରୋଧ କରାଯାଉଅଛି। ଆଜି ର ସଭାରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୂଖ୍ୟ ଅତିଥିଭାବରେ ଯୋଗଦେଇ ଜିଲ୍ଲା ରେ ନୂତନ ଭାବରେ ଯୋଗ ଦେଇଥିବା ପ୍ରୟ ୪୦ ଜଣ ଅମଲା ଙ୍କୁ ସ୍ୱାଗତ କରିଥଲେ। ରାଜ୍ୟ ଅମଲା ସଂଘ ର ମୂଖ୍ୟ ପରାମର୍ଶ ଦାତା ନାରାୟଣ ଦାଶ, ଅଶୋକ କୁମାର ପଣ୍ଡା, ସମ୍ପାଦକ ଖୋର୍ଦ୍ଧା ଜିଲ୍ଲା ଅମଲା ସଂଘ, ସର୍ବେଶ୍ୱର ସାହୁ, ସଭାପତି ଓ ଜିଲ୍ଲା ରୁ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଅମଲା ମାନେ ଯୋଗଦାନ କରିଥିଲେ।

ସୋମବାର, ୦୨ ସେପ୍ଟେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୧/୯ (ନି.ପ୍ର): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ନୃତ୍ୟ-ସଂଗୀତ-କଳା ମନ୍ଦିର ପରିସରରେ ଥିବା ନିଜସ୍ୱ କାର୍ଯ୍ୟାଳୟରେ ରବିବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ପହିଲା ଦିନ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସକୁ ବାଲେଶ୍ୱରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପାଳନ ପାଇଁ ଏହି ବୈଠକରେ ବିଶଦ ଆଲୋଚନା ହୋଇଛି। ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ମଞ୍ଚର ବାର୍ଷିକ ମୁଖପତ୍ର 'ସାୟାହ୍ନ'ରେ ପ୍ରକାଶ ନିମିତ୍ତ ମଞ୍ଚର ସଦସ୍ୟ ସଦସ୍ୟା ଓ ସାହିତ୍ୟିକ ବନ୍ଧୁମାନେ ବରିଷ୍ଠନାଗରିକମାନଙ୍କ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କିତ ପ୍ରବନ୍ଧ, ଗଳ୍ପ ଓ କବିତା ପଠାଇବାକୁ ବୈଠକରେ ନିବେଦନ କରାଯାଇଛି। ମୁଖପତ୍ର ସଂପାଦନା ମଣ୍ଡଳୀରେ ସାଧାରଣ ସଂପାଦକ ଦାମୋଦର ନାୟକ, ଲକ୍ଷ୍ମୀନାରାୟଣ ଘୋଷ, ଗୌରାଙ୍ଗ ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ଜେନା ଓ ଡ. ଗୋବିନ୍ଦ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ଲେଖାଗୁଡ଼ିକ ସଂପାଦନାମଣ୍ଡଳୀର ଯେ କୌଣସି ସଦସ୍ୟ କିମ୍ବା ଜିଲ୍ଲା କାର୍ଯ୍ୟାଳୟ ଠିକଣାରେ ଚଳିତ ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ପ୍ରଧାନ, ବେଣୁଧର ସାହୁ, ବିଷ୍ଣୁ ମହାନ୍ତି, ସୀତାରାମ ପ୍ରଧାନ, ଗୋପୀନାଥ ଦାସ, ଜ୍ଞାନେନ୍ଦ୍ର ମିଶ୍ର, ନିରଞ୍ଜନ ପରିଡ଼ା ଓ ଯଶୋଦାନନ୍ଦନ ଆଶ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

# ବନବିଭାଗର ଚଢ଼ାଉ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଜବଦ



ବାଲିଆପାଳ ୧/୯(ନି ପ୍ର ) ଓଡିଶାରୁ ପଶ୍ଚିମବଙ୍ଗକୁ କାଠ ଚୋରା ଚାଲାଣ ବେଳେ ବନବିଭାଗ ପକ୍ଷରୁ ଚଢଉ କରାଯାଇ ପିକଅପ ଭ୍ୟାନ ସମେତ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଜବଦ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ନରେ ଓଡିଶାରୁ ପଶ୍ଚିମବଙ୍ଗକୁ ଏକ ପିକଅପ ଭ୍ୟାନ ଯୋଗେ କାଠ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଲଙ୍ଗଳେଶ୍ୱର ଫରେଷ୍ଟ ଅଫିସର ହୃଷିକେଷ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବାଲିଆପାଳ - କମର୍ଦ୍ଦା ମୁଖ୍ଯ ରାସ୍ତାର ତାରିଣୀ ଛକ ନିକଟରେ ଚଢଉ କରି ପିକଅପ ଭ୍ୟାନ ସମେତ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଜବଦ କରିଛି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ଘଟଣା ସମ୍ପର୍କରେ ବନବିଭାଗର ଅଧିକାରୀ ଅଧିକ ତଦନ୍ତ ଜାରି ରହିଛି।

# ବାରିପଦା ପୌରପାଳିକା ପକ୍ଷରୁ ମେଗା ରକ୍ତଦାନ ଶିବିର ଆୟୋଜିତ: ୪୬୭ୟୁନିଟ ରକ୍ତ ସଂଗୃହୀତ



ବାରିପଦା, ୧/୯ (ନି.ପ୍ର): ତିନି ଦିନିଆ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ପାଳନ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ରକ୍ତ ଅଭାବ ଜନିତ ସମସ୍ୟାକୁ ଦୁରୀଭୂତ କରିବା ଲକ୍ଷ୍ୟରେ ରବିବାର ପୌରପାଳିକା କଲ୍ୟାଣ ମଣ୍ଡପ ପରିସରରେ ଶିବିର ଆୟୋଜନ କରାଯାଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତି ରକ୍ତଦାନ ଶିବିର ଉଦଘାଟିତ କରିଥିଲେ। ରକ୍ତଦାନ ଶିବିରରେ ସମୁଦାୟ ୪୬୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସେଥି ମଧ୍ୟରେ ୫୬ଜଣ ମହିଳା ରହିଛନ୍ତି। ଏଥି ସହିତ ରକ୍ତଦାନ ଶିବିରରେ ଉତ୍ସାହିତ ହୋଇ ଗୋଟିଏ ପରିବାର ୩ଜଣ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ନଗରପାଳ ଶ୍ରୀ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ବାରିପଦା ପୌରାଞ୍ଚଳର ୨୮ଗୋଟି ୱାର୍ଡର ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ବାରିପଦା ରକ୍ତ ଭଣ୍ଡାରର ଡାକ୍ତର ସୌମ୍ୟରଞ୍ଜନ ନାୟକ, ଡାକ୍ତର ନିଲେଶ ଦାସ, ଡାକ୍ତର ଭାଗ୍ୟଶ୍ରୀ ମଲ୍ଲିକ ଏବଂ ଉଦଳା ରକ୍ତ ଭଣ୍ଡାରର ଡାକ୍ତର ପ୍ରଜ୍ଞା ପାରମିତା ବେହେରା ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତ ସଂଗୃହୀତ କରିଥିଲେ। ବାରିପଦା ବ୍ଲକ ଅଧ୍ୟକ୍ଷ ଦଲକା ସିଂ, କାର୍ଯ୍ୟ ନିର୍ବାହୀ ଅଧିକାରୀଣି ଡ଼ଃ ମଧୁସ୍ମିତା ସାମନ୍ତରାୟ, ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ଅନନ୍ତ ଦାସ, ସୁଧୀର ବାରିକ, ରାଜ ଗୁପ୍ତା, ସୁକେସିନୀ ସେଠି, ପୂଜା ତରେଇ, ଜିତା ସିଂ, ମହେଶ ଭଞ୍ଜଦେଓ, ଦିଗବିଜୟ ହାଁସଦା, ଶ୍ରୀମାତ ମୁର୍ମୁ, ନିରୂପମା ମହାନ୍ତି, ତ୍ରୈଲକେଶ ପଣ୍ଡା ସମେତ ଅନ୍ୟାନ୍ୟ ୱାର୍ଡ କାଉନସିଲର ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ରେଡ଼କ୍ରସ ଆଜୀବନ ସଦସ୍ୟ ଅମର ସେଠି, ଦୀପକ ମିଶ୍ର, ପୂର୍ବତନ ୱାର୍ଡ କାଉନସିଲର ପ୍ରଭାତ ମହାନ୍ତି, ଦର୍ପ ନାରାୟଣ ପାଳ, ମଙ୍ଗଳ ହାଁସଦା, କୀଚକ ବେହେରା, ଲିଟନ ମହାପାତ୍ର, ରାଜା ଖାନ, ଶ୍ରବଣ ଗୋପ, ବିଶ୍ୱ ରଞ୍ଜନ ଦାସ, ଜଗନ୍ନାଥ ମହାପାତ୍ର, ସେକ ଚାନ୍ଦ, ମଦନ ସାହୁ, ସୁନିଲ କୁମାର ନାୟକ, ଅରୁଣ ବରାଡ଼, ଜିତ ପଟ୍ଟନାୟକ, କୁନା ମହାନ୍ତି, ସରୋଜ ଶତପଥୀ, ସୟଦ ଫିରୁଜଉଦ୍ଦିନ ଏବଂ ପୌର କର୍ମଚାରୀ ମାନେ ସହଯୋଗରେ ମେଗା ରକ୍ତଦାନ ଶିବିର ସଫଳ ହୋଇଛି। ସୂଚନା ଯୋଗ୍ୟ ଯେ, ଗତ ସ୍ୱାୟତ ଶାସନରେ ଆୟୋଜିତ ରକ୍ତଦାନ ଶିବିରରେ ୨୦୨୨ରେ ୩୨୩ୟୁନିଟ, ୨୦୨୩ରେ ୪୦୩ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଚଳିତ ବର୍ଷ ସର୍ବାଧିକ ୪୬୭ୟୁନିଟ ରକ୍ତ ସଂଗୃହିତ ହୋଇଛି।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ



ବାଲେଶ୍ୱର, ୧/୯ (ନି.ପ୍ର): ଆଜି ସ୍ଥାନୀୟ ସହଦେବଖୁଣ୍ଟା ସ୍ଥିତ, ଫିରିଙ୍ଗି ପାଟଣା ବିଦ୍ୟାଳୟ ପରିସରରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ରାଜେଶ୍ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ନଗର ଯୁବମୋର୍ଚ୍ଚା ସଭାପତି ଦ୍ୱେବ୍ରତ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ରକ୍ତ ଦାନ ଶିବିରକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଫିତା କାଟି ଆନୁଷ୍ଠାନିକ ରୂପେ ଉଦଘାଟନ କରିଥିଲେ। ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ୍ତ ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ନଗର ବିଜେପି ସଭାପତି ଚିତ୍ତରଞ୍ଜନ ପଣ୍ଡା, ଉପସଭାପତି ଶଶି ଶେଖର ମହାନ୍ତି ପ୍ରମୁଖ ଯୋଗ ଦାନ କରି ସମସ୍ତ ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥଲେ, ବାଲେଶ୍ୱର ବ୍ଲଡ଼ ବ୍ୟାଙ୍କର ମୁଖ୍ୟ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ସମସ୍ତ ରକ୍ତଦାତାଙ୍କୁ ରକ୍ତ ଦାନର ମହତ୍ତ୍ୱ ବୁଝାଇ ଥିଲେ, ଦିନକୁ ଦିନ ବାଲେଶ୍ୱର ବ୍ଲଡ଼ ବ୍ୟାଙ୍କରେ ରକ୍ତର ଅଭାବ ତଥା ଥାଲାସେମିଆ ରୋଗୀଙ୍କୁ ଉନ୍ନତ ମାନର ରକ୍ତ କିପରି ମିଳି ପାରିବ ସେ ସମସ୍ତ କଥାକୁ ଆଖି ଆଗରେ ରଖି ସାରା ଜିଲ୍ଲାରେ ସମସ୍ତ ୫୦ ଗୋଟି ଜୋନରେ ଏହି ରକ୍ତ ଦାନ ଶିବିର ଆୟୋଜନ କରାଯିବା ନେଇ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ୍ ମହାପାତ୍ର କହିଥିଲେ, ଏହି ଶିବିରରେ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ୍ ପୃଷ୍ଟି, ସାମାଜିକ ଗଣ ମାଧ୍ୟମ ସଂଯୋଜକ ସୁମନ୍ତ ମହାଲିକ, ଜୀତେନ୍ଦ୍ର ପ୍ରହରାଜ, ସମୀର ଦାସ, ଶିବ ଶଙ୍କର ପଣ୍ଡିତ, ଜୀତେନ୍ଦ୍ର ପ୍ରମାଣିକ, ବିନୋଦ ବିହାରୀ ପଣ୍ଡା ଓ ରଞ୍ଜନ ମଲ୍ଲିକ ସହଯୋଗ କରିଥଲେ।

# କଂଟେନରରୁ ୪୨୦ କେଜି ଗଞ୍ଜେଇ ଜବତ: ୨ ଗିରଫ

ମାଲକାନଗିରି, ୧/୯ (ନି.ପ୍ର): ପୁଣି ଅଭିନବ ଉପାୟରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ପୁଲିସ କବଜାରେ ଗଞ୍ଜେଇ ମାଫିଆ। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏସଆଇ ଅଜିତ କୁମାର ବରିହାଙ୍କ ନେତୃତ୍ୱରେ ଗତକାଲି ଚିତ୍ରକୋଣ୍ଡା ଛକ ନିକଟରେ ନିତି ଦିନିଆ ପାଟ୍ରୋଲିଂ ଏବଂ ଯାନବାହାନ ଯାଂଚ୍ କରୁଥିବା ବେଳେ ଚିତ୍ରକୋଣ୍ଡା ପଟୁ ଏକ କଂଟେନର ଦୃତ ଗତିରେ ଆସୁଥିବା ଦେଖି ପୁଲିସକୁ ସନ୍ଦେହ ହେବାରୁ କଂଟେନରକୁ ଅଟକାଇ ଯାଂଚ୍ କରିବାରୁ କଂଟେନର ଭିତରେ ଖାଲି ରଦି କାଗଜ ଭରି ହୋଇ ରହିଥିବା ବେଳେ ପୁଲିସ ସାବଧାନର ସହିତ ଗାଡ଼ିକୁ ଯାଂଚ୍ କରିବାରୁ ୧୨ଟା ଜରି ବସ୍ତାରେ ଗଞ୍ଜେଇ ଥିବା ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ତୁରନ୍ତ ଗଞ୍ଜେଇ, କଂଟେନର ଗାଡ଼ି ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଅଭିଯୁକ୍ତ ମାନେ ହେଲେ ଅମୋଲ ଶାନ୍ତାରାମ ଶଙ୍କପାଲ ଏବଂ କମଲେସ ଜଗନ୍ନାଥ। ଉଭୟ ମହାରାଷ୍ଟ୍ର ରାଜ୍ୟର ବାସିନ୍ଦା ବୋଲି ଜଣାପଡିଛି। ଗିରଫ ଅଭିଯୁକ୍ତଙ୍କୁ ପଚାରାଉଚରା କରିବାରୁ ସେ ଚିତ୍ରକୋଣ୍ଡା ଅଂଚଳରୁ ଗଞ୍ଜେଇ ନେଇ ମହାରାଷ୍ଟ୍ର ରାଜ୍ୟକୁ ଚୋରାଚାଲାଣ କରୁଥିଲେ। ପୁଲିସ ୪୨୦ କେଜି ଗଞ୍ଜେଇ ତାଙ୍କ ପାଖରୁ ଜବତ କରିଥିବା ବେଳେ ଏହାର ବଜାର ମୂଲ୍ୟ ପାଖାପାଖି ୭୦ ଲକ୍ଷ ହେବ ବୋଲି ପୁଲିସ କହିଛି।


# ଡଗରାଠାରେ ଡ୍ରାଇଭର ରାଷ୍ଟ୍ରୀୟ ଦିବସ ପାଳିତ




ବାଲିଆପାଳ ୧/୯ (ନି ପ୍ର ) ସେପଟ୍ଟେମ୍ବର ୧ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ରାଜ୍ୟ ଡ୍ରାଇଭର ସଂଘ ପକ୍ଷରୁ ରାଷ୍ଟ୍ରୀୟ ଦିବସ ପାଳନ ହୋଇଯାଇଛି। ଡ୍ରାଇଭର ସଂଘର ସଦସ୍ୟମାନେ ଡଗରା ସ୍ଥିତ ମଦର ଟେରେସା ସେବା ସଂଘ ମୂକ,ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟ ଉପକରଣ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । ଚଉମୁଖ ଠାରେ ଥିବା ପ୍ରହଲ୍ଲାଦ ମାନସିକ ବିଦ୍ୟାଳୟରେ ପିଲାମାନଙ୍କୁ ମଧ ଖାତା,ଚକୋଲେଟ ବଣ୍ଟନ କରିଥିଲେ। ଏହି ଡ୍ରାଇଭର ରାଷ୍ଟ୍ରୀୟ ଦିବସରେ ମଦ୍ୟପାନରୁ ଦୂରରେ ରହି ଗାଡ଼ି ଚାଳନା କରିବା, ଜନସାଧାରଣଙ୍କ ସୁରକ୍ଷା ନିମିତ୍ତ ମସ୍ତିକକୁ ଥଣ୍ଡା କରି ଗାଡ଼ି ଚଳାଇବା ଏବଂ ଏହି ଭଳି ଭଲ ଦିବସରେ ମୁକ,ବଧିର, ମାନସିକ ବିକୃତ ପିଲାଙ୍କ ସହିତ କିଛି ସମୟ ଦେବାପାଇଁ ବାଲିଆପାଳ ସଂଘର ସଭାପତି ଶଶୀକାନ୍ତ ପ୍ରଧାନ , ସମ୍ପାଦକ ଜୟକୃଷ୍ଣ ଗଙ୍ଗେଇ , ଉପସଭାପତି ଗୈରାଙ୍ଗ ଜେନା ଡ୍ରାଇଭରରମାନଙ୍କୁ ବାର୍ତ୍ତା ଦେଇଛନ୍ତି । କାର୍ତ୍ତିକ ପାତ୍ର, ମୃତ୍ୟୁଞ୍ଜୟ ଦାସ, କାର୍ତ୍ତିକ ରାଉତ ପ୍ରମୁଖ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସ ନିମନ୍ତ୍ରଣ ପତ୍ରରେ ଅଖଣ୍ଡ ଭାରତ ମାନଚିତ୍ର

## ସବୁଠି ଶୁଣିବାକୁ ମିଳୁଛି ଉଦଳା ଏନ୍.ଏ.ସି.ର ପ୍ରଶଂସା




ଉଦଳା , ୧/୯ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖ ଶନିବାର ଦିନ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଅଖଣ୍ଡ ଭାରତର ଏକ ମାନଚିତ୍ର ଦିଆଯାଇଛି। ଏହାକୁ ଦେଖି ବିଭିନ୍ନ ମହଲରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପ୍ରଶଂସା ଶୁଣିବାକୁ ମିଳୁଛି । ଆମେ ବୋଲୁଥିବା ଜାତୀୟ ସଂଗୀତରେ ଅଖଣ୍ଡ ଭାରତର କଥା ବର୍ଣ୍ଣନା କରାଯାଇଛି । ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାନଙ୍କରେ ଅଖଣ୍ଡ ଭାରତ ମାନଚିତ୍ରକୁ ପୂଜା କରାଯାଉଛି । ପ୍ରକାଶ ପାଉଥିବା ସାପ୍ତାହିକ ପତ୍ରିକା 'ରାଷ୍ଟ୍ରଦୀପ'ର କଭର ପେଜରେ ପ୍ରତିସଂଖ୍ୟାରେ ଅଖଣ୍ଡ ଭାରତ ମାନଚିତ୍ର ସ୍ଥାନିତ ହେଉଛି । ମହର୍ଷି ଶ୍ରୀ ଅରବିନ୍ଦ ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଥିଲେ । ଭାରତରୁ ଅଲଗା ହୋଇ ଯାଇଥିବା ଅଂଶ ଗୁଡ଼ିକ ପୁଣି ଥରେ ଭାରତରେ ମିଶିବ ବୋଲି ସେ ଭବିଷ୍ୟତ ବାଣି ଶୁଣାଇଛନ୍ତି । ଏତିକି ବେଳେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଏହିଭଳି ଏକ ପ୍ରୟାସ ବାସ୍ତବରେ ପ୍ରଶଂସନିୟ ବୋଲି ବହୁ ଜ୍ଞାନି ଗୁଣି ଲୋକେ ମତ ଦେଇଛନ୍ତି ।

# ବାଲେଶ୍ୱର ଜିଲ୍ଲାସ୍କୁଲ୍ ଭୂସଂପତ୍ତିର ସୁରକ୍ଷା ପାଇଁ ସିଭିଲ୍ ସୋସାଇଟି ପକ୍ଷରୁ ଜନସଚେତନତା ଓ ଗଣଆନ୍ଦୋଳନ ନିଷ୍ପତ୍ତି




ବାଲେଶ୍ୱର, ୧/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଭୂସଂପତ୍ତିର ସୁରକ୍ଷାପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ବ୍ୟାପକ ଜନସଚେତନତା ଓ ଗଣତାନ୍ତ୍ରିକ ଆନ୍ଦୋଳନ ନିମିତ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାସ୍କୁଲ୍ ପରିଚାଳନା କମିଟିର ସଭାପତି ସଂଜୀବ କୁମାର ମିଶ୍ର, ପୁରାତନ ଛାତ୍ର ସଂସଦର ସଭାପତି ଡା. ସୁରେନ୍ଦ୍ରନାଥ ସାହୁ, ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମନୋଜ ନାୟକଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଠାଜଳସେଚନ କର୍ମଚାରୀ ଭବନରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୦ ତାରିଖ ଦିନ ଜିଲ୍ଲାପାଳଙ୍କ ଜରିଆରେ ଶିକ୍ଷାମନ୍ତ୍ରୀ ଓ ରାଜସ୍ୱ ବିଭାଗ ମନ୍ତ୍ରୀଙ୍କୁ ବାଲେଶ୍ୱର ଜିଲ୍ଲାର ଏହି ସର୍ବପୁରାତନ ଶିକ୍ଷାନୁଷ୍ଠାନର ଦଖଲରେ ଥିବା ଭୂସଂପତ୍ତିର ସୁରକ୍ଷା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଦାବିପତ୍ର ପ୍ରଦାନ କରାଯିବ। ଗତ ୧୯୮୧ ମସିହାରେ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଓ ୨୦୦୨ ମସିହାରେ ତତ୍କାଳୀନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟିର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ସେପ୍ଟେମ୍ବର ୨୫ ଓ ୨୬ ତାରିଖ ଲଗାତର ଦୁଇଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗତ ୧୮୫୩ ମସିହାରେ ପ୍ରତିଷ୍ଠିତ ବାଲେଶ୍ୱର ଜିଲ୍ଲାସ୍କୁଲ୍ ଦଖଲରେ ବର୍ତ୍ତମାନ ଥିବା ବିଦ୍ୟାଳୟ ପରିସର ଓ ଖେଳପଡ଼ିଆର ମୋଟ ପ୍ରାୟ ୧୭ ଏକର ଭୂସଂପତ୍ତିକୁ ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରାଯାଇନଥିବାରୁ ସେହି ସଂପତ୍ତିକୁ ଜବର ଦଖଲ ପାଇଁ ବିଭିନ୍ନ ମହଲରୁ ଉଦ୍ୟମ ହେଉଛି। କିଛିଦିନ ଧରି କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏହି ସଂପତ୍ତିର କିଛି ଅଂଶ ଜବର ଦଖଲ କରିଥିବାବେଳେ ପୌରପରିଷଦ ପକ୍ଷରୁ ସ୍କୁଲ୍ର ଖେଳପଡ଼ିଆରେ ଏକ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେଣୁ ସମସ୍ତ ଜବରଦଖଲ ଉଚ୍ଛେଦ ସହ ଏହି ପୁରାତନ ଶିକ୍ଷାନୁଷ୍ଠାନର ଭୂସଂପତ୍ତି ସୁରକ୍ଷା ପାଇଁ ପଥପ୍ରାନ୍ତ ସଭା, ପ୍ରଚାରପତ୍ର ବଣ୍ଟନ ଓ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜନସାଧାରଣଙ୍କ ବ୍ୟାପକ ସମର୍ଥନରେ ପ୍ରସ୍ତାବିତ ଗଣତାନ୍ତ୍ରିକ ଆନ୍ଦୋଳନକୁ ସଫଳ କରିବାକୁ ଏହି ବୈଠକରେ ଆଶା ପ୍ରକାଶ କରାଯାଇଛି। ବିଭିନ୍ନ ସାମାଜିକ ଓ ଗଣସଂଗଠନମାନଙ୍କ ପକ୍ଷରୁ ସର୍ବଶ୍ରୀ ଦାମୋଦର ନାୟକ, ସୀତାରାମ ପ୍ରଧାନ, ସନ୍ତୋଷ ସାହୁ, ରାଜେଶ ଗିରି, ରମେଶ ଚନ୍ଦ୍ର ଜେନା, ବେଣୁଧର ସାହୁ, ମହମ୍ମଦ ଇକ୍‌ବାଲ୍ ଖାଁ, ଯୋଗେଶ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ନାଥ ପଣ୍ଡା, ପ୍ରଶାନ୍ତ କୁମାର ପାଢ଼ୀ, ଭରତ ଚନ୍ଦ୍ର ସେଠୀ, ନୀଳକଣ୍ଠ ବିଶ୍ୱାଳ, ସୋମନାଥ ନାୟକ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଅଶୋକ କୁମାର ଦାସ, ବିଜୟ କୁମାର ରଣା, ସୁଶାନ୍ତ କୁମାର ବେହେରା, କମଳାକାନ୍ତ ବେହେରା, ସତ୍ୟେନ୍ଦ୍ର କୁମର ଦାସ, ଶରତ ଚନ୍ଦ୍ର ଦଳାଇ, ଅନୁସୂୟା ନାୟକ, ଶିରୀଶ ଚନ୍ଦ୍ର ଚାନ୍ଦ, ନାରାୟଣ ପଣ୍ଡା, ଧୀରେନ୍ଦ୍ର କୁମାର ପାଣି, ଜ୍ଞାନାନନ୍ଦ ମିଶ୍ର, ଶ୍ୟାମସୁନ୍ଦର ଜେନା, ବିଜୟ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ ଦାବିକରି ପ୍ରସ୍ତାବିତ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୪୬ତମ ଫେସବୁକ କବିତା ଆସରରେ ଆଉ ନୁହେଁ ମଉମିତା

## କଲିକତାର ଡାକ୍ତରାଣୀ ଗଣ ଦୁଷ୍କର୍ମ ଓ ହତ୍ୟା ବିରୁଦ୍ଧରେ ଶାଣିତ ହେଲା କବି କଲମ



ବାଲେଶ୍ୱର, ୧/୯ (ନି.ପ୍ର): ନୋସି ଉତ୍କଳ ମୁକ୍ତମଞ୍ଚରେ ନୋସି କଲଚ୍ୟୁରାଲ ଏକାଡେମି ଦ୍ୱାରା ୪୬ତମ ଫେସବୁକ କବିତା ଆସର ଆୟୋଜନ କରାଯାଇଛି । ଗଣ ଦୁଷ୍କର୍ମ କରି ହତ୍ୟା କରାଯାଉଥିବା କଲିକତାର ଡାକ୍ତରାଣୀ ମଉମିତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଥିବାବେଳେ ମଉମିତା ପାଇଁ ସମର୍ପିତ କରି କବିମାନେ କବିତାର ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉକ୍ତ କବିତା ପାଠ ଉତ୍ସବକୁ ଶିଳ୍ପୀ କେଶୁଦାସ ପରିଚାଳନା କରି କବିମାନଙ୍କୁ ମଞ୍ଚ ଆହ୍ୱାନ ସହ ପରିଚୟ କରିଥିବାବେଳେ କବିତା ଆସରକୁ ଗଗନ କୁମାର ସେଠୀ ସଂଯୋଜନା କରିଥିଲେ । କବି ପ୍ରଭାତ କୁମାର ଆଚାର୍ଯ୍ୟ,, ପ୍ରବୀର କୁମାର କମିଳା, ଅଜିମ ବାଲେଶ୍ୱରୀ, ସୁବ୍ରତା ମହାନ୍ତି, ତୃପ୍ତି ରାଣୀ ପାତ୍ର, ଦେବାଶିଷ ସିଂହ, ରଣଜିତ ପୃଷ୍ଟି ପ୍ରମୁଖ କବିମାନେ ସ୍ୱରଚିତ କବିତା ପାଠ। ରଶ୍ମିରେଖା ମହାପାତ୍ର, ସଂଗୀତା ସାହୁ, କୁମାର ଜୀବନ ପ୍ରମୁଖ ସଂଗୀତ ପରିବେଷଣ କରାଯାଇଥିଲା । ଶେଷରେ କୁମାର ସତ୍ୟମ୍ ଧନ୍ୟବାଦ ପ୍ରଦାନ କରିଥିଲେ। ଏହା କାର୍ଯ୍ୟକ୍ରମକୁ ନୋସିର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ, ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo